### ଜିଲ୍ଲାସ୍ତରୀୟ ଜନଜାତି ଆଦିବାସୀ ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

# ଅନ୍ତିମ ସନ୍ଧ୍ୟାରେ ଝୁମାଇଲେ ସବ୍ୟସାଚୀ ଓ ଅର୍ଚ୍ଚିତା







**ନବରଙ୍ଗପୁର, ୬।୩(ସମିସ)**

ଗତ ୪ ତାରିଖଠାରୁ ଆରମ୍ଭ ହୋଇଥିବା ନବରଙ୍ଗପୁର ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜନଜାତି ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଦର୍ଶକଙ୍କୁ ନିଜର ଅଭିନୟ, ନୃତ୍ୟ ଓ ଗୀତ ଗାଇ ଝୁମାଇଥିଲେ ଓଡ଼ିଆ ସିନେ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ଦାସ ।

ନବରଙ୍ଗପୁର ନୂତନ ମଣ୍ଡେଇ ପଡ଼ିଆଠାରେ ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବର ପ୍ରଥମ ଦିନରେ ସ୍ଥାନୀୟ ପୁରୁଣା ମଣ୍ଡେଇ ପଡ଼ିଆଠାରୁ ନୂତନ ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୌଡ଼ରାଣୀ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଦ୍ୱିତୀୟ ଦିନରେ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କ୍ରୀଡ଼ା ସାମଗ୍ରୀ, ସାଂସ୍କୃତିକ ପୋଷାକ, ବାଦ୍ୟଯନ୍ତ୍ର ବଣ୍ଟନ କରାଯାଇଥିଲା । ବୁଧବାର ଉଦଯାପନୀ ଦିବସ ଅବସରରେ ଅପରାହ୍ଣରେ ସ୍ଥାନୀୟ ରାମ ମନ୍ଦିର ନିକଟରୁ ପୁଲିସ ପଡ଼ିଆ ପର୍ଯ୍ୟନ୍ତ ଲାଠି ଠାକୁରାଣୀ ଓ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କ ଦ୍ୱାରା ମନ୍ଦାର ଢୁଡ୍ରା ନାଚ, ବଣିଆ ନାଚ, ଘୁମୁରା ପାଲା, କାଠି ନୃତ୍ୟ ଭଳି ବିଭିନ୍ନ ନୃତ୍ୟ ସହ ଏକ ବିଶାଳ ଶୋଭାଯାତ୍ରା ନୂତନ ମଣ୍ଡେଇ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା । ପରେ ସନ୍ଧ୍ୟାରେ ମଣ୍ଡେଇ ପଡ଼ିଆଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ କୁମାର ମାଝୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପରିଚୟ ସୃଷ୍ଟି ହୋଇପାରିଛି । ଜନଜାତିଙ୍କ ପାଇଁ ଜିଲ୍ଲାର ବ୍ଲକ୍ ଓ ପଞ୍ଚାୟତସ୍ତରରେ ପଞ୍ଚାୟତ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯାଇଛି ବୋଲି କହିଥିଲେ । ଆଦିବାସୀ ସଂସ୍କୃତି ଓ କ୍ରୀଡ଼ାର ସୁରକ୍ଷା ପାଇଁ ସରକାର ସବୁବେଳେ ପ୍ରୟାସ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଗୋଠପାଟଣାଠାରେ ଏକ ଆଦିବାସୀ ଭବନର ଶିଳାନ୍ୟାସ କରିଛନ୍ତି । ଯାହା ଫଳରେ ଆଦିବାସୀମାନେ ଭୁବନେଶ୍ୱରଠାରେ ବାସସ୍ଥଳୀ ପାଇବେ ବୋଲି ଶ୍ରୀ ମାଝୀ ସୂଚାଇଛନ୍ତି । ଏଥିରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ଯୋଗଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ବିଜୁ କେବିକେ ଉପଦେଷ୍ଟା ସୁକଦେବ ଗଣ୍ଡ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝୀ, କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ଜିଲ୍ଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର, ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନିଲ କୁମାର ଖରା, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଉଦଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିଥିଲେ ସିନେ ତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ଉମାକାନ୍ତ ବାରିକ, ପଙ୍କଜ ତାଣ୍ଡି ଏବଂ ସମସ୍ତ କଳାକାର ଉପସ୍ଥିତ ଲୋକଙ୍କୁ ନିଜ ଅଭିନୟ, ସଂଗୀତ ଓ ନୃତ୍ୟରେ ଝୁମାଇଥିଲେ । ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ନବରଙ୍ଗପୁର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଏଥିରେ ଅଧ୍ୟକ୍ଷତା କରିଥିଲେ । ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, କାଉନସିଲର ରଞ୍ଜିତା ପଣ୍ଡା, ନଗେନ୍ଦ୍ର ପଟ୍ଟନାୟକ, ପି.କେଶବ ରାଜୁ, ଅଲେଖ ସୌରା, ଗୀତାଞ୍ଜଳି ଯାଦବ, ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଜିଲ୍ଲା ଉପସଭାପତି ରବି ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଦିଲୁ ପଣ୍ଡା, ବିଜେଡି ମହିଳା ଜିଲ୍ଲା ସଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ, ସାଂସଦ ପ୍ରତିନିଧି ବାବୁଲି ମିଶ୍ର, ସନ୍ତୋଷ କୁମାର ମିଶ୍ର, ଦୁର୍ଗା ତ୍ରିପାଠୀ, ଆର୍ ପୁରୁଷୋତ୍ତମ ରାଜୁ, ସରୋଜ ପାତ୍ର, ଉତ୍ତମ ତ୍ରିପାଠୀ, ଭୀମ ହରିଜନ, ଆଶିଷ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଅଖିଳ ଭତ୍ରା, ଅଭିନାଶ ମହାପାତ୍ର, କୁନା ପଣ୍ଡା, ଦୟାନିଧି ବିଶୋୟୀ, ସୁନିଲ କୁମାର ସାହୁ, କୌଶଲ୍ୟା ପ୍ରଧାନି, ପିଙ୍କୁ ଗନ୍ତାୟତ, କୁନା ପାଢ଼ୀ, ଲାଲୁ ତ୍ରିପାଠୀ, ସିରାଜ୍ ଉଦ୍ଦିନ ଅହମ୍ମଦ, ସଞ୍ଜୟ ନାୟକ, ସୁମିତ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମୋଟର ସାଇକଲ ଦୁର୍ଘଟଣାରେ ଯୁବକ ମୃତ

**ଡାବୁଗାଁ, ୬।୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡ଼ାଠାରୁ ସିଉନାଗୁଡ଼ା ଗ୍ରାମ ରାସ୍ତାର ଏକ ବୁଲାଣି ନିକଟରେ ମୋଟର ସାଇକଲ ଦୁର୍ଘଟଣା ଘଟି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ଡାବୁଗାଁ ଥାନା ଅଧୀନ ଢେପଗୁଡ଼ା ଗ୍ରାମର ଶୁଶୀଲ ନାୟକ (୩୦) ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଢେପଗୁଡ଼ା ଗ୍ରାମର ଶୁଶୀଲ ନାୟକ (୩୦) ବୁଧବାର ସନ୍ଧ୍ୟା ୫ଟା ସମୟରେ ଧାମନାଗୁଡ଼ାଠାରୁ ସିଉନାଗୁଡ଼ା ଗ୍ରାମ ଦେଇ ମୋଟର ସାଇକେଲ ଯୋଗେ ନିଜ ଘରକୁ ଯିବା ସମୟରେ ଏକ ବୁଲାଣି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଖୁଣ୍ଟରେ ଧକ୍କା ଦେଇ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଡାବୁଗାଁ ଥାନା ଏଏସଆଇ ଚନ୍ଦ୍ରଶେଖର ହଜାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଦୁର୍ଘଟଣାଗ୍ରସ୍ତ ମୋଟର ସାଇକଲକୁ ଜବତ କରାଯାଇଛି । ଖବର ପାଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଛନ୍ତି । ଏନେଇ ମୃତକଙ୍କ ଦାଦା ଉଦୟ ନାୟକ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି ।

## ୧୭୫ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

**ନନ୍ଦପୁର, ୬।୩(ସମିସ):** କୋରାପୁଟ ଅବକାରୀ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ପାଢ଼ିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଅବକାରୀ ବିଭାଗର ଧରପଗଡ଼ ଜୋରସୋରରେ ଚାଲିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ ଗୋଲୁରୁ ଗ୍ରାମ ପଞ୍ଚାୟତର ଡମଙ୍ଗ ଗ୍ରାମରେ ବ୍ୟବସାୟୀ ପାଇଁ ଗଚ୍ଛିତ ରଖିଥିବା ବିପୁଳ ମାତ୍ରାରେ ଗଞ୍ଜେଇକୁ ଅବକାରୀ ବିଭାଗ ଜବତ କରିଛି । ଜବତ ଗଞ୍ଜେଇର ପରିମାଣ ୧୭୫ କିଲୋଗ୍ରାମ୍ ବୋଲି ଅନୁମାନ କରାଯାଉଛି । ସୂଚିତ ଯେ, ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକ ଏକ ଟିମ୍ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ଏଏସଆଇ ରାମବଡ଼ ନାୟକ, କନଷ୍ଟେବଲ ଦେବେନ୍ଦ୍ର ଖରା, ଗୀତାଞ୍ଜଳି ଦଳପତି, ଜ୍ଞାନରଞ୍ଜନ ଦୀକ୍ଷିତ ତ୍ରିଲୋଚନ ସିଂ, ଗଙ୍ଗା ଶଙ୍କର ପ୍ରମୁଖ ଡମଙ୍ଗ ଗ୍ରାମର ସୁବାସ ଚନ୍ଦ୍ର ଗୋଲରୀଙ୍କ ଘରେ ଚଢ଼ଉ କରିଥିଲେ । ଅବକାରୀ ପୁଲିସ ଆସିବା ଖବର ପାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ମାଡ଼ି ବସିଥିଲା ଅବକାରୀ ପୁଲିସ । ଘରେ ଗଚ୍ଛିତ ଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ସୁବାସକୁ ଗିରଫ କରିଛି ଅବକାରୀ ପୁଲିସ । ଚଳିତ ବର୍ଷ ନନ୍ଦପୁର ଅବକାରୀ ବିଭାଗକୁ ବଡ଼ ସଫଳତା ବୋଲି କୁହାଯାଉଛି ।

## ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା; ୩ ଗିରଫ, ୫ ଫେରାର୍

**ଉମରକୋଟ, ୬।୩(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ସେମଳା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବଡ଼ବାସିନୀ ଆଦିବାସୀ ଗ୍ରାମରେ ଗତ ଫେବୃଆରୀ ୨୯ ତାରିଖ ଦିନ ଗୁଣିଗାରେଡ଼ି କରିଥିବା ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ଘଟଣାରେ ବୁଧବାର ଉମରକୋଟ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୋହନ ଗଣ୍ଡ (୨୮), କମଳ ଭତ୍ରା (୩୦) ଓ ଚମରୁ ଗଣ୍ଡ (୩୦) । ସୂଚନା ଅନୁସାରେ,



ଗତ ଫେବୃଆରୀ ୨୯ ତାରିଖ ରାତି ପ୍ରାୟ ୯ଟା ସମୟରେ ବଡ଼ବାସିନୀ ଆଦିବାସୀ ଗ୍ରାମର ଚମରିନ ଭତ୍ରାଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହ କରି ସେହି ଗ୍ରାମର ୮ ଜଣ ମିଶି ଠେଙ୍ଗା ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ଚମରିନଙ୍କର ମୃତ୍ୟୁ ହୋଇଥିଲା । ଏପରିକି ଚମରିନଙ୍କ ପୁଅ ଓ ଝିଅଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ । ଘଟଣା ଘଟିବା ପରେ ୮ ଅଭିଯୁକ୍ତ ଫେରାର୍ ଥିଲେ । ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ମଧ୍ୟ ଅଛନ୍ତି । ନିଜେ ଉମରକୋଟ ଆଇଆଇସି ଡମ୍ବୁରୁଧର ପ୍ରଧାନ ତଦନ୍ତ ଦାୟିତ୍ୱରେ ରହି ପୁଲିସ ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରିଥିଲେ । ବୁଧବାର କଳାହାଣ୍ଡି ମୋଟେର ନିକଟରୁ ୩ ଅଭିଯୁକ୍ତ ମୋହନ ଗଣ୍ଡ (୨୮), କମଳ ଭତ୍ରା (୩୦) ଓ ଚମରୁ ଗଣ୍ଡ (୩୦)ଙ୍କୁ ଉମରକୋଟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣା ଘଟିଥିବା ସ୍ଥାନରୁ ଘଟଣାରେ ବ୍ୟବହୃତ ଠେଙ୍ଗା ଓ ଟାଙ୍ଗିଆକୁ ମଧ୍ୟ ଜବତ କରିଛି ପୁଲିସ । ତେବେ ଅନ୍ୟ ୫ ଜଣଙ୍କୁ ପୁଲିସ ଖୋଜୁଛି । ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଉମରକୋଟ ଥାନା ଆଇଆଇସି ଡମ୍ବୁରୁଧର ପ୍ରଧାନ ସୂଚନା ଦେଇଛନ୍ତି । ଉମରକୋଟ ଥାନାରେ ୧୧୪/୨୪ରେ ଏକ ମାମଲା ରୁଜୁ କରାଯାଇଛି ।

# ବିଏସ୍‌କେୱାଇ ନବୀନ କାର୍ଡ ବିତରଣ ଉତ୍ସବ



**କୋରାପୁଟ, ୬।୩(ସମିସ):** ମ୍ୟୁନିସିପାଲିଟି ଅଡିଟୋରିୟମରେ ବିଏସକେୱାଇ ନବୀନ କାର୍ଡ ବିତରଣ ଉତ୍ସବ ପାଳିତ ହୋଇଯାଇଛି । କୋରାପୁଟ ଓ ଦଶମନ୍ତପୁର ବ୍ଲକର ହିତାଧିକାରୀଙ୍କୁ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଓ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଡ ପ୍ରଦାନ କରିଥିଲେ । କୋରାପୁଟ ବ୍ଲକର ୧୬୫ ଓ ଦଶମନ୍ତପୁର ବ୍ଲକର ୨୪ ଜଣଙ୍କୁ ବିଏସକେୱାଇ ନବୀନ କାର୍ଡ ବିତରଣ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ସାଂସଦଙ୍କ ପ୍ରତିନିଧି ବାବୁଲା ବେନ୍ୟା, କୋରାପୁଟ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତି ସାମଲ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ଖୋସଲା, କୋରାପୁଟ ବିଧାୟକଙ୍କ ପ୍ରତିନିଧି ମଣ୍ଟୁ ବେନ୍ୟା ଯୋଗଦେଇ କାର୍ଡ ବିତରଣ କରିଥିଲେ । କୋରାପୁଟ ବ୍ଲକ ବଜାର ନିରୀକ୍ଷକ ପ୍ରଭାସ ରଞ୍ଜନ ଶତପଥୀ ଓ କାର୍ଯ୍ୟାଳୟର ରବି ଶଙ୍କର ଏବଂ ଦଶମନ୍ତପୁର ବଜାର ନିରୀକ୍ଷକ ମମତା ବେହେରା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

**ନବରଙ୍ଗପୁର :** ନବରଙ୍ଗପୁର ବ୍ଲକ ପରିସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ପ୍ରଦାନ କରିଥିଲେ । ଏହି ବିଏସକେୱାଇ କାର୍ଡ ମାଧ୍ୟମରେ ପରିବାରର ସବୁ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଓ ମହିଳାଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ମିଳିପାରିବ । ନବରଙ୍ଗପୁର ବ୍ଲକର ୯୩ ଜଣ ହିତାଧିକାରୀଙ୍କୁ ବିଧାୟକ ଶ୍ରୀ ପ୍ରଧାନୀ କାର୍ଡ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବ୍ଲକ୍ ଅଧ୍ୟକ୍ଷ ଶରତ ଭତ୍ରା, ଉପାଧ୍ୟକ୍ଷା ନନ୍ଦିନୀ



ସମର୍ଥ, ସମିତିସଭ୍ୟ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଡିଓ ସୁନୀଲ ଖରା ପରିଚାଳନା କରିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ କିଲୋ ଓଜନର ଆଇଇଡି ବୋମା ଜବତ



**ମାଲକାନଗିରି, ୬।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ତଲାସି ଅଭିଯାନବେଳେ ଗୋଟିଏ ଆଇଇଡି ବୋମାକୁ ଯବାନମାନେ ଉଦ୍ଧାର କରିଛନ୍ତି । ମିଳିଥିବା ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ଚେରପାଲ କ୍ୟାମ୍ପରୁ ସିଆରପିଏଫର ଯବାନମାନେ ଗଙ୍ଗାଲୁର ରାସ୍ତାରେ ସୁରକ୍ଷା ବ୍ୟବସ୍ଥା ପାଇଁ ତଲାସି ଅଭିଯାନ କରିଥିଲେ । ଏହି ସମୟରେ ଯବାନଙ୍କ ବୋମା ନିଷ୍କ୍ରିୟକାରୀ ଦଳ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ପାଞ୍ଚ କିଲୋଗ୍ରାମର ଏକ ଆଇଇଡି ବୋମାକୁ ଗଙ୍ଗାଲୁର ରାସ୍ତାକଡ଼ରୁ ଉଦ୍ଧାର କରି ନିଷ୍କ୍ରିୟ କରିଥିଲେ । ତେବେ ଯବାନଙ୍କ ଚତୁରତା ଯୋଗୁଁ ମାଓବାଦୀଙ୍କ ଏକ ବଡ଼ ଯୋଜନା ପଣ୍ଡ ହୋଇଥିବାବେଳେ ଯବାନମାନେ ସେହି ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଜୋରଦାର କରିଛନ୍ତି ।

## ବ୍ରେକ୍ ଫେଲ୍; ପାଚେରି ଭାଙ୍ଗି ଓଲଟିଲା ଟ୍ରକ୍

**କୋରାପୁଟ, ୬।୩(ସମିସ):** ବୁଧବାର ସନ୍ଧ୍ୟାବେଳେ ଜୟପୁର ଆଡୁ କୋରାପୁଟ ଅଭିମୁଖେ ଆସୁଥିବା ଏକ ଟ୍ରକ୍‌ଟି ଆରଟିଓ ଅଫିସ ନିକଟ ଗଡ଼ାଣିରେ ହଠାତ୍ ବ୍ରେକ ଫେଲ୍ ହୋଇଯିବାରୁ ଭାରସାମ୍ୟ ହରାଇ ପିଡବ୍ଲ୍ୟୁଡି କ୍ୱାର୍ଟରର ପାଚେରିକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଳ୍ପକେ ସ୍ଥାନୀୟ ଅଞ୍ଚଳର ଜନଜୀବନ ବର୍ତ୍ତିଯାଇଛି । ଏହି ଘଟଣାରେ କାହାର କିଛି କ୍ଷତି ହୋଇନଥିବାବେଳେ ପାଚେରିଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି । ଘଟଣା ପରେ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାରୁ ଘଟଣାସ୍ଥଳରେ କୋରାପୁଟ ଟାଉନ୍ ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଛି । ପୁଲିସ ଟ୍ରକ୍ ଚାଳକଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିବାବେଳେ ଡ୍ରାଇଭରଙ୍କ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି । ସନ୍ଧ୍ୟା ସମୟରେ ଏନ୍‌ଏଚ ପ୍ରବଳ ଜନଗହଳି ଥିବାବେଳେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଗୋଟିଏ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି କୋରାପୁଟବାସୀ ।

## କାର୍ ଧକ୍କାରେ ମହିଳା ମୃତ; କ୍ଷତିପୂରଣ ଦାବିରେ ରାସ୍ତାରୋକ



**ଲମତାପୁଟ, ୬।୩(ସମିସ):** ଲମତାପୁଟ ବ୍ଲକ ମାଛକୁଣ୍ଡ ଥାନା ଅନ୍ତର୍ଗତ ଲମତାପୁଟ-ବିଶାଖାପାଟଣା ମୁଖ୍ୟ ରାସ୍ତା ଉପରେ ଡଳିଗୁଡ଼ା ନିକଟରେ ଏକ କାର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହେଲେ ମାଛକୁଣ୍ଡ ଥାନା ଅନ୍ତର୍ଗତ କନ୍ତିଗଡ଼ ଗ୍ରାମର ଦହନା ନାୟକ । ମହିଳାଙ୍କ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ଶବ ରଖି କ୍ଷତିପୂରଣ ଦାବି କରିବା ସହ ଅଞ୍ଚଳବାସୀ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ମାଛକୁଣ୍ଡ ଥାନା ଅନ୍ତର୍ଗତ ଲମତାପୁଟ-ବିଶାଖାପାଟଣା ମୁଖ୍ୟରାସ୍ତା ଉପରେ କନ୍ତିଗଡ଼ ଗ୍ରାମର ଦହନା ନାୟକ ଚାଲିଚାଲି ଯାଉଥିବାବେଳେ ଡଳିଗୁଡ଼ା ନିକଟରେ ଏକ କାର ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ସମ୍ପର୍କୀୟ ଓ ପରିବାର ଲୋକେ କ୍ଷତି ପୂରଣ ଦାବି କରି ମୁଖ୍ୟରାସ୍ତା ଉପରେ ଶବ ରଖି ରାସ୍ତା ଅବରୋଧ କରିବା ସହ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ । ଖବର ପାଇଁ ଜଲାପୁଟ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ପରିଡ଼ା ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କ୍ଷତିପୂରଣ ଦାବି କରି ଜିଦ୍‌ରେ ଅଟଳ ରହିଛନ୍ତି । ଏପଟେ ପୁଅ ବୁଦ୍ଧଦେବ ନାୟକ କାର ଧକ୍କାରେ ମାଆଙ୍କ ମୃତ୍ୟୁ ଘଟଣାର ଉପଯୁକ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ

# 'ମହିଳାମାନେ ଶିକ୍ଷିତ ହେଲେ ସମାଜରୁ ଅନ୍ଧବିଶ୍ୱାସ ଦୂର ହେବ'





**ନବରଙ୍ଗପୁର, ୬।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସପ୍ତାହବ୍ୟାପୀ ଲିଙ୍ଗଗତ ସମାନତା ପାଇଁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମରେ ବୁଧବାର ନବରଙ୍ଗପୁର ଜିଲ୍ଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗ ତରଫରୁ ରାଜା ଚୈତନ୍ୟଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଜିଲ୍ଲାସ୍ତରୀୟ ମହିଳା ଦିବସ ପାଳନ କରାଯାଇଛି । ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ମହିଳା ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି କହିଲେ ଯେ ଆଜିର ଦିନରେ ସମଗ୍ର ବିଶ୍ୱରେ ମହିଳାମାନେ ଏକତ୍ରୀତ ହୋଇ ନିଜର ଅଧିକାରକୁ ସାବ୍ୟସ୍ତ କରୁଛନ୍ତି । ସମାଜରେ ପୁରୁଷ ମହିଳାଙ୍କ ମଧ୍ୟରେ ସମାନତା ଆଣିବା ନିମନ୍ତେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ଆଲୋଚ୍ୟ ବିଷୟ 'ମହିଳାଙ୍କ ପାଇଁ ନିବେଶ କରନ୍ତୁ-ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ' ବୋଲି ମତବ୍ୟକ୍ତ କରିବା ସହିତ ଜିଲ୍ଲାରେ କିଶୋରୀ ସଶକ୍ତୀକରଣ ନିମନ୍ତେ ଅଙ୍ଗନବାଡ଼ିସ୍ତରରେ ଚାଲୁଥିବା ଅଦ୍ୱିକା କାର୍ଯ୍ୟକ୍ରମର କିଶୋରୀ ବାଳିକା ସରିତା ଗରଡ଼ାଙ୍କୁ ରାଜ୍ୟର ଶ୍ରେଷ୍ଠ ସଖୀ ଭାବରେ ମୁଖ୍ୟମନ୍ତ୍ରୀ ମହିଳା ଦିବସ ଅବସରରେ ପୁରସ୍କୃତ କରିବେ ବୋଲି ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ମହିଳାମାନେ ଶିକ୍ଷିତ ହୋଇପାରିଲେ ସମାଜରୁ ଅନ୍ଧବିଶ୍ୱାସ ହଟିବା ସହିତ ପୁରୁଷ ମହିଳାଙ୍କ ମଧ୍ୟରେ ସମାନତା ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଜିଲ୍ଲାପାଳଙ୍କ ସହଧର୍ମିଣୀ ବବିତା ସର ଯୋଗଦେଇ ସମାଜରେ ହଜାର ବର୍ଷର ତଳୁ ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟକୁ ମହିଳାମାନେ ନିରବରେ ସହ୍ୟ ନ କରି ଏହାର ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେବା ସହିତ ସମସ୍ତ ମହିଳା ନିଜକୁ ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗା ସୁରୂପିଣୀ ବୋଲି ମତବ୍ୟକ୍ତ କରିବା ସହିତ ମହିଳାମାନେ ଆର୍ଥିକ ସ୍ୱବଲମ୍ବୀ ହୋଇପାରିଲେ ସମାଜରେ ବିଷମତା ହଟିବ ବୋଲି ମତବ୍ୟକ୍ତ କରିଥିଲେ । ବକ୍ତା ଭାବରେ ଅଧାପିକା ଡ. ସଞ୍ଜୁକ୍ତା ପଣ୍ଡା, ପ୍ରଭାସିନୀ ମହାନ୍ତି, ଜେମାମଣି ବିଶୋୟୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ କୁମାର ତ୍ରିପାଠୀ, ଜିଲ୍ଲା ନିଯୁକ୍ତି ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ । ଆଙ୍ଗନଏଡର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

**କୋରାପୁଟ :** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ କୋରାପୁଟ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କୋରାପୁଟ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ ଯୋଗଦେଇ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଗାୟତ୍ରୀ ପାତ୍ର, ସଦସ୍ୟା ନମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ପୁଲିସ ଅଧିକାରୀ ମମତା କୁମାରୀ ପଣ୍ଡା, ଏଡିପିଏଚସିଓ ଶୁଭ ନାରାୟଣ ନାୟକ ପ୍ରମୁଖ ଯୋଗଦେଇଥିଲେ । ଶ୍ରେଷ୍ଠ ଶିଶୁ ବିକାଶ ଅଧିକାରୀ ଭାବେ ଆରତୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି କିଶୋରୀ ବାଳିକା, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏବଂ ଶ୍ରେଷ୍ଠ ପରିଦର୍ଶିକାଙ୍କୁ ପୁରସ୍କୃତ କରାଯାଇଥିଲା । ଆଇସିଡିଏସ୍ ଡିପିଏମ୍ ମମତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ସଂଯୋଜିକା ସୀମା ବେହେରା, ଜିଲ୍ଲା ସଂଯୋଜକ (ବାଲ୍ୟ ବିବାହ) ପ୍ରସନ୍ନ ମିଶ୍ର, ସିମାମ ସଂଯୋଜକ ତେଜୱନି ଦେହୁରୀ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସୁଷମା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେପରୁଆ ବାଇକ୍ ଚାଳକ ଯୋଗୁଁ ଯୁବକ ମୃତ

**କାଶୀପୁର, ୬।୩(ସମିସ):** ରାୟଗଡ଼ା ଜିଲ୍ଲା ଅଣ୍ଡରାକୋଞ୍ଚ ଥାନା ଅନ୍ତର୍ଗତ ମାଇକୋଞ୍ଚ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହେଇଛି । ମୃତକ ହେଲେ କାକିଡ଼ିପଦର ଗ୍ରାମର ସ୍ୱଧର ଗୌଡ଼ଙ୍କ ପୁଅ ବିଦ୍ୟାଧର ଗୌଡ଼ (୨୮) ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ମଙ୍ଗଳବାର ସନ୍ଧ୍ୟାବେଳେ ବିଦ୍ୟାଧର ଗୌଡ଼ ମାଇକୋଞ୍ଚଠାରୁ ନିଜ ଘର କାକାଡ଼ିପଦର ଅଭିମୁଖେ ଚାଲିଚାଲି ଆସୁଥିବା ବେଳେ ବିପରୀତ ଦିଗରୁ ଏକ ଦମ୍ପତି ବାଇକ୍ ଯୋଗେ ନିଜ ଗାଁକୁ ଫେରୁଥିବା ସମୟରେ କାକିଡ଼ିପଦର ମଶାଣି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବିଦ୍ୟାଧରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏନେଇ ପରିବାର ପକ୍ଷରୁ କ୍ଷତିପୂରଣ ଦାବି ନେଇ କାଶୀପୁର ଓ ଡଙ୍ଗାସିଲ ମୁଖ୍ୟ ରାସ୍ତା ଅବରୋଧ କରିବା ସହ ମୃତ ବ୍ୟକ୍ତିଙ୍କର ଦାଦା ବଂଶୀଧର ଗୌଡ଼ ଅଣ୍ଡରାକୋଞ୍ଚ ଥାନାରେ ଉକ୍ତ ଘଟଣା ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଥିଲେ । ମଧ୍ୟାହ୍ନବେଳେ କାଶୀପୁର ତହସିଲଦାର ସୁନୀଲ ପ୍ରଧାନ ସମେତ ଅଣ୍ଡରା କୋଞ୍ଚ ଥାନା, ଦୋରଗୁଡ଼ା ଥାନା ଓ କାଶୀପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ସ୍ଥିତି ନିୟନ୍ତ୍ରଣ ହେଇ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କାଶୀପୁର ପଠା ଯାଇଛି ।



# ପାତ୍ରୀ ସରକାରୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ପାପଡ଼ାହାଣ୍ଡି,୬।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଅଧୀନସ୍ଥ ପାତ୍ରୀ ସରକାରୀ ଆଶ୍ରମ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ପାଉଥିବା ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ କୁମାର ସାହୁ, ନିବେଦିତା ବିଶ୍ୱାଳ, ସତ୍ୟବ୍ରତ ବେହେରା, ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ଭତରା, ଏସ୍‌ଏମସି ସଭାପତି ବୈଦନାଥ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଏବଂ ଆଧୁନିକ ଢାଞ୍ଚାରେ ପାଠ ଅଧ୍ୟୟନ ବିଷୟରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ତ୍ରିପାଠୀଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ବାର୍ଷିକ ଉତ୍ସବ ଆରମ୍ଭରୁ ପ୍ରଧାନଶିକ୍ଷକ ସନ୍ତୋଷ ତ୍ରିପାଠୀ ବିଦ୍ୟାଳୟର ବିବରଣୀ ପାଠ କରି ଉପସ୍ଥିତ ସଦସ୍ୟଙ୍କୁ ସୂଚନା ଦେଇଥିଲେ । ବିଦ୍ୟାଳୟରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦଳେଇଗୁଡ଼ା ପ୍ରଧାନଶିକ୍ଷକ, ବାସିନୀ ପ୍ରଧାନଶିକ୍ଷକ, ଜଟାବାଲ ପ୍ରଧାନଶିକ୍ଷକ, ଚନ୍ଦ୍ରପୁର ପ୍ରଧାନଶିକ୍ଷକ, ଅବସରପ୍ରାପ୍ତ ଧନସୁଲି ପ୍ରଧାନଶିକ୍ଷୟିତ୍ରୀ, ଖରକି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ , ବାଟିବେଢ଼ା ପ୍ରଧାନଶିକ୍ଷକ, ଲାଇବାନପଦର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷକ ଫ୍ରାନସିସ ନାଗ ଓ ମାନିଗା ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବାସିନୀ ପ୍ରଧାନଶିକ୍ଷକ ସୁରେଶ ପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଶ୍ମଶାନ ଘାଟକୁ ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କ ପ୍ରତିଶ୍ରୁତି

**ତେନ୍ତୁଲିଖୁଣ୍ଟି,୬।୩(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ଶ୍ମଶାନ ଘାଟ ରାସ୍ତା ବିପର୍ଯ୍ୟସ୍ତ ରହିଥିବା ନେଇ ବହୁବାର ଅଭିଯୋଗ ପରେ ମଙ୍ଗଳବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଶ୍ମଶାନ ଘାଟ ବୁଲି ଦେଖିଛନ୍ତି। ଯଥାଶୀଘ୍ର ଶ୍ମଶାନକୁ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାନୁଯାୟୀ, ଶ୍ମଶାନ ରାସ୍ତା ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ଶବ ନେଇ ଯିବା ଲୋକଙ୍କ



ପାଇଁ କାଠିକର ପାଠ ହେଉଛି। ଏନେଇ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଇନ୍ଦ୍ରାବତୀବାସୀ ନିବେଦନ କରିବା ପରେ ସେ ଶ୍ମଶାନ ଘାଟ ପରିଦର୍ଶନରେ ଆସିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ କନିଷ୍ଠ ଯନ୍ତ୍ରୀ କ୍ରାନ୍ତି କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପୃଥୀରାଜ ପାଇକରାୟ, ବିଶ୍ୱନାଥ ସିଂ, ମହେଶ୍ୱର ମହାନ୍ତି, ଚନ୍ଦ୍ରଶେଖର ଦଳେଇ ଓ କୁନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚନ୍ଦ୍ରପୁର,୬।୩(ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପିପଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ୍ତ କୁମାର ଦଳେଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜିଲ୍ଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ, ସ୍ୱତନ୍ତ୍ର ଅତିଥି ରୂପେ ଅତିରିକ୍ତ ମଙ୍ଗଳ ଅଧିକାରୀ ସୁରଜ ନାୟକ, ପ୍ରଦୀପ୍ତ କୁମାର ଦଳେଇ, ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଶବର, ସହକାରୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ବାଳକୃଷ୍ଣ ବିହାରୀ, ସିଙ୍ଗନା ତାଡ଼ିଙ୍ଗି, ହନୁମନ୍ତପୁର ସରପଞ୍ଚ ନୀଳମାଇ ଦିବାକା, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଡୁଡୁ ଦିବାକା ଓ ସିଆରସି ହରେକୃଷ୍ଣ ଶବର ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନ, ସମାଜରେ ଶିକ୍ଷାର ମହତ୍ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ରାଇବିଜି କନ୍ୟାଶ୍ରମର ପ୍ରଧାନଶିକ୍ଷୟିତ୍ରି ଅନୁରାଧା ଲାଇଁଗମ, ବୁଡୁବାଲି ଆଶ୍ରମ ସ୍କୁଲର ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ, ଡମ୍ବସରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁନୀଲ କୁମାର ଗୌଡ଼ .ଗଗଦେଇଥିଲେ। ଏହି କର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ରାମଚନ୍ଦ୍ର ପାଢ଼ୀ। ସହଯୋଗ କରିଥିଲେ ଗୋପାଳ କାଡ୍ରକା, କ୍ଷମାନିଧି ପୁଟା ଓ ସମସ୍ତ ଶିକ୍ଷା କର୍ମଚାରୀ। ଶେଷରେ ପ୍ରଧାନଶିକ୍ଷକ ଉର୍ମିଳା ପିପଲି ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟିକ ପ୍ରଭୁଦାନ ଭତ୍ରାଙ୍କ ତୃତୀୟ ଶ୍ରାଦ୍ଧ ଦିବସ ପାଳିତ

**ଜୟପୁର,୬।୩(ସମିସ):** କୋରାପୁଟ ଜିଲ୍ଲାର ଅନ୍ୟତମ ସାହିତ୍ୟିକ ତଥା ସାମ୍ବାଦିକ ସ୍ୱର୍ଗତଃ ପ୍ରଭୁଦାନ ଭତ୍ରାଙ୍କ ୩ୟ ତମ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଭୁଦାନ ଭତ୍ରା ସ୍ମୃତି ସଂସଦ ଓ ଫ୍ଲୋରେନ୍ସ ନାଇଟିଏଙ୍ଗେଲ ଏଏନଏମ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ଶ୍ରାଦ୍ଧ ଦିବସ ସ୍ମୃତି ସଂସଦ ସଭାପତି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଏଏନଏମ କେନ୍ଦ୍ରରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ.ସୁରେଶ ଦାଶ ଏବଂ ସମ୍ମାନିତ ଅତିଥି ଭାବେ କବୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଜାନକୀ ପାଣିଗ୍ରାହୀ, ହରିହର କରସୁଧା ପଟ୍ଟନାୟକ, ସମ୍ମାନିତ ବକ୍ତା ଭାବେ ଶୋଭାଗିନୀ ନନ୍ଦ ଯୋଗଦେଇଥିଲେ। ଏଥିରେ ଅତିଥିମାନେ 'ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ଅବଦାନ' ଶୀର୍ଷକକୁ ନେଇ ଆଲୋକପାତ କରିଥିଲେ। ଏଥିରେ ଟିକିଲାଲ ବେହେରା, ପୂଜା ଗଣ୍ଡା, ସମ୍ପାଦକ ପ୍ରକାଶ ମହାନନ୍ଦିଆ ସ୍ୱର୍ଗତ ଭତ୍ରାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘାସିରାମ ମହାପାତ୍ର ଅତିଥିଙ୍କ ପରିଚୟ କରିଥିଲେ। ସଭାପତି ଶ୍ରୀ ପଣ୍ଡାଙ୍କ ଅନୁରୋଧକ୍ରମେ ସ୍ୱର୍ଗତ ଭତ୍ରାଙ୍କ ଅପ୍ରକାଶିତ ପାଣ୍ଡୁଲିପିଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶ କରି ଲୋକଲୋଚନକୁ ଆଣିବାକୁ ତାଙ୍କର ପୁତ୍ର ଗୌରବ ଭତ୍ରା ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଏଏନଏମ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ହୋତା, ଘାସିରାମ ମହାପାତ୍ର, ଅଶୋକ ମହାରଣା, ଅଶୋକ କୁମାର ପଲେଇ, ପୁଷ୍ପାଞ୍ଜଳି ରଥ, ପ୍ରମୋଦ ରାଉଳ, କବିତା ମଞ୍ଜରୀ ପଲେଇ, ରାଜକିଶୋର ସିଂ, ବିନିତରାଜ ସତମନ, ଅଭିମନ୍ୟୁ ବେନ୍ୟା, ଅନୁଷ୍ଠାନର ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ରାୟଗଡ଼ା ଜିଲ୍ଲା ପରିଷଦର ୭୮ତମ ବୈଠକ

# ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପୂର୍ବରୁ ପାନୀୟ ଜଳ ସମସ୍ୟାର ସମାଧାନ ଦାବି

**ରାୟଗଡ଼ା,୬।୩(ସମିସ)**




ରାୟଗଡ଼ା ଜିଲ୍ଲା ପରିଷଦର ୭୮ତମ ବୈଠକ ବୁଧବାର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଉପାଧ୍ୟକ୍ଷ ସନ୍ତୋଷ ସୁନା, ପରିଷଦର ସମସ୍ତ ସଦସ୍ୟସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରଥମେ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ଜିଲ୍ଲାରେ ହୋଇଥିବା ବିକାଶ ପାଇଁ ପୁରସ୍କୃତ ହୋଇଥିବା ବିବରଣୀ ଯଥା- ଆମ ହସ୍ପିଟାଲ, ମିଲେଟ ମିଶନ, ଭୂମି ସମ୍ମାନ ସହ ରାଜ୍ୟ ସରକାରଙ୍କ ଦ୍ୱାରା ୨୧୪ଟି ବିଦ୍ୟାଳୟ, ୩୪ ମହାବିଦ୍ୟାଳୟ '୫-ଟି'ରେ ଅନ୍ତର୍ଭୁକ୍ତ କରାଯାଇଛି। ମା' ମଝିଘରିଆଣୀ ମନ୍ଦିର ଉନ୍ନତିକରଣ ନିମନ୍ତେ ୨୬ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ମୁନିଗୁଡ଼ା ଏବଂ କୋଲନରାଠାରେ ଆମ ବସଷ୍ଟାଣ୍ଡ କରାଯାଇଛି। ଛାତ୍ରଛାତ୍ରୀ ନିମନ୍ତେ ଜିଲ୍ଲାରେ ପ୍ଲାନେଟାରିୟମ ନିର୍ମାଣ ସହ ଖେଳାଳିଙ୍କ ନିମନ୍ତେ ଦୁଇଟି ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଗୁଣୁପୁର ଚିକିତ୍ସାଳୟରେ ଡାଏଲିସିସ୍ ସେଣ୍ଟର କାର୍ଯ୍ୟକ୍ଷମ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଗ୍ରାମ୍ୟ ଜଳଯୋଗାଣ, ଜଳଛାୟା, ଉଦ୍ୟାନ ବିଭାଗ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ମଙ୍ଗଳ ବିଭାଗ ବିଦ୍ୟାଳୟ, ଗ୍ରାମୀଣ ନିର୍ମାଣ, ଶିଶୁ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ମଧ୍ୟମ ଜଳସେଚନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଟାଟା ପାୱାର(ବିଦ୍ୟୁତ), ପଞ୍ଚାୟତ ରାଜ୍ୟ ଓ ଜଳ ଯୋଗାଣ କାର୍ଯ୍ୟ, ସମବାୟ, ମତ୍ସ୍ୟ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ନିଯୁକ୍ତି ଓ ଦକ୍ଷତା ବିକାଶ ବିଭାଗ, ମେଗାଲିଫ୍ଟ ଓ ଉଠା ଜଳସେଚନ ବିଭାଗର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। କୃଷି ବିକାଶ ଉପରେ ଆଲୋଚନାବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜିଲ୍ଲାରେ ଖରିଫ ଋତୁରେ ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ଫସଲର ବିବରଣୀ, ଜଳସେଚନ, ବିହନ ବଣ୍ଟନ, ସାରୱାରୀ ଯୋଜନା, କୃଷି ଯାନ୍ତ୍ରିକ କରଣର ଲକ୍ଷ୍ୟ ଧାର୍ଯ୍ୟ ଏବଂ ହାସଲ ଓ ବିଭିନ୍ନ ଯୋଜନାର ପଦକ୍ଷେପ ତଥା ଅଗ୍ରଗତି ସମ୍ବନ୍ଧରେ ଓ ତାଲିମ ବ୍ୟବସ୍ଥା ଉପସ୍ଥାପନା କରିଥିଲେ। ଏହା ସହିତ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ପାନୀୟ ଜଳ ତରଫରୁ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ଉପରେ ନିଆଯାଉଥିବା କାର୍ଯ୍ୟକ୍ରମ ଉପରେ ଉପସ୍ଥାପନ କରିଥିଲେ। ସେହି ସମୟରେ ସଦସ୍ୟମାନେ ଜଳ ଯୋଗାଣ ନିମନ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। କାରଣ ବର୍ତ୍ତମାନଠାରୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଳର ସମସ୍ୟା ସୃଷ୍ଟି ହୋଇଥିବାବେଳେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲାରେ ଆର୍ଥିକ ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲ୍ଲାର ୨ଲକ୍ଷ ୩୫ ହଜାର ୬ଶହ ୪୪ ଗୃହକୁ ପାନୀୟ ଜଳଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ୧ ଲକ୍ଷ ୭୫ ହଜାର ୮୫ ଗୃହକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଛି ବୋଲି ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ।

କୃଷି ବିଭାଗ ତରଫରୁ ବିଭିନ୍ନ ଫସଲ ୨୦୨୩ରେ ୧ ଲକ୍ଷ ୯୩ହଜାର ହେକ୍ଟର ଲକ୍ଷ ଧାର୍ଯ୍ୟ କରାଯାଇଥିବାବେଳେ ୧ଲକ୍ଷ ୯୪ହଜାର ୨ଶହ ୮୭ହେକ୍ଟର ଲକ୍ଷ ହାସଲ କରାଯାଇଛି। ତେବେ ରବି ଋତୁରେ ୪୨ହଜାର ୪ଶହ ୨୦ହେକ୍ଟର ଲକ୍ଷ ଧାର୍ଯ୍ୟରୁ ୩୯ ହଜାର ୩ଶହ ୬୪ ହେକ୍ଟର ଲକ୍ଷ୍ୟ ହାସଲ ହେଇଥିବା ମୁଖ୍ୟ କୃଷି ଅଧିକାରୀ ପ୍ରକାଶ କରିଥିଲେ। ସେହିପରି ଉଦ୍ୟାନ କୃଷି ବିଭାଗ ତରଫରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଅନ୍ତର୍ଗତ ବିଭିନ୍ନ ଫଳ ଚାଷ ନିମନ୍ତେ ଯୋଗାଇ ଦିଆଯାଉଥିବା ଚାରା ଓ ମଞ୍ଜି ବିଷୟରେ ବିଭାଗୀୟ ଅଧିକାରୀ ଉପସ୍ଥାପନା କରିଥିଲେ। ଜିଲ୍ଲା ଯୋଗାଣ ବିଭାଗ ତରଫରୁ ରାଜ୍ୟ ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆଦି ଯୋଜନା ବିଷୟରେ ଉପସ୍ଥାପନା କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଉପରେ ବୈଠକରେ ଉପସ୍ଥାପନା କରିଥିଲେ। ଜିଲ୍ଲାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ୪୬୨ ଜଣ ଆବଶ୍ୟକରୁ କେବଳ ୧୬୨ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ବଳକା ୩୦୧ ଜଣ ଡାକ୍ତର ଜିଲ୍ଲା ପାଇଁ ଆବଶ୍ୟକ ରହିଛି। ଏହି ଜିଲ୍ଲାର ପ୍ରସୂତି ମାଆମାନଙ୍କୁ ସ୍ୱାସ୍ଥ୍ୟସେବା ସଠିକ ଭାବରେ ଯୋଗାଇବା ନିମନ୍ତେ ଓ ଆବଶ୍ୟକ ଡାକ୍ତର ପଦ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ସଦସ୍ୟମାନେ ଅନୁରୋଧ କରିଥିଲେ। ସେହପରି ଜିଲ୍ଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ଦିଆଯାଇଥିବା ଖାଦ୍ୟ, ଆର୍ଥିକ ବର୍ଷ-୨୦୨୩ରେ ଧାନ ସଂଗ୍ରହ ଉପରେ ଜିଲ୍ଲା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ। ସେହିପରି ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା, ଜଙ୍ଗଲ, ପଶୁ ସମ୍ପଦ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଜ୍ଞାପନପତ୍ର ପ୍ରଦାନ

# ସରାକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣରେ ସହାୟତା

**ଜୟପୁର,୬।୩(ସମିସ):** ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଧନ୍ୟବାଦ ଜ୍ଞାପନପତ୍ର ପ୍ରଦାନ କରାଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କ ବଦାନ୍ୟତା ତଥା ଅକୁଣ୍ଠ ସହଯୋଗରେ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ବିଦ୍ୟାଳୟର '୫-ଟି' ଯୋଜନାରେ ସମସ୍ତ ଉନ୍ନତୀମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ଖେଳପଡ଼ିଆର ଉନ୍ନତିକରଣ, ବିଶୁଦ୍ଧ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟର ସାମଗ୍ରିକ ବିକାଶରେ ପୁରାତନ ଛାତ୍ରଛାତ୍ରୀ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଏହି ଧନ୍ୟବାଦ ପତ୍ର ପ୍ରଧାନଶିକ୍ଷକ ଶ୍ୟାମ ମେହେର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଏବଂ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ, ସୁବର୍ଣ୍ଣ କୁମାରୀ ଖିଲ, ଶୁଭ ସ୍ମିତା ସାହୁ, କଲ୍ୟାଣୀ ନାୟକ, ସୁଧା ପଟ୍ଟନାୟକ, ରଶ୍ମିତା ନାହାକ, ସାଗରିକା ପାତ୍ର, ବନିତା ଶତପଥୀ, ସୁଚରିତା ପଟ୍ଟନାୟକ, ଅରୁନ୍ଧତୀ ତ୍ରିପାଠୀ, ପପିତା ପ୍ରଧାନ, ସସ୍ମିତା ଜେନା ଶିକ୍ଷକ ନରେଶ କୁମାର ଷଡ଼ଙ୍ଗୀ, ପ୍ରଭାତ କୁମାର ରଥ, ଦେବେନ୍ଦ୍ର ପାଢ଼ୀ, ଦୁର୍ଗାପ୍ରସାଦ ପାତ୍ର, ହିତକର ଚରତି, ତନବୀର ମହମ୍ମଦ, ସୋମନାଥ ସାକିଆ, ଭଗବାନ ସାବତଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମା' ବନଦୁର୍ଗା ଶ୍ରମିକ ସଂଘ ସମାବେଶ

**ମୁନିଗୁଡ଼ା,୬।୩(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଅନ୍ତର୍ଗତ ନେତାଜୀ କ୍ଲବ ପରିସରରେ ବିଏମଏସ ପରିଚାଳିତ ମା' ବନଦୁର୍ଗା ଶ୍ରମିକ ସଂଘର ଚତୁର୍ଥ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ଷମାସାଗର ଦାଶଙ୍କ ସଭାପତିତ୍ୱରେ ଓ ଉପସଭାପତି ତ୍ରିନାଥ ଭାଟିଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥିଭାବେ ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାଶ, ସମ୍ମାନିତ ଅତିଥି ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ଦାଶ, ଜିଲ୍ଲା ବିଶ୍ୱକର୍ମା ମଜଦୂର ସଂଘ ସମ୍ପାଦକ ଶିବ ପ୍ରସାଦ ସିଂ, ରାୟଗଡ଼ା ଜିଲ୍ଲା ଯୁଗ୍ମ ସମ୍ପାଦିକା ସ୍ନେହା ସିଂ, ସାମ୍ବାଦିକ ମନୋରଞ୍ଜନ ଦଳାଇ, ଶ୍ରମିକ ନେତା ବଳରାମ କୁଶୁଲିଆ ପ୍ରମୁଖ ଉପସ୍ଥିତଥିଲେ। ସଂଘ ସଭାପତି ଅତିଥିମାନଙ୍କ ପରିଚୟ କରିବା ସହିତ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ବନଦୁର୍ଗା ଶ୍ରମିକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଅନନ୍ତ ମହାନ୍ତି ଶ୍ରମିକମାନେ ସମ୍ମୁଖୀନ ହେଉଥିବା ଅସୁବିଧା ଆଉ ଭୋଗୁଥିବା ସମସ୍ୟା ଉପରେ ନିଜର ଅଙ୍ଗେନିଭା କଥାକୁ ଉପସ୍ଥାପନା କରିଥିଲେ। ପରେ ଶ୍ରମିକମାନେ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ରାଜ୍ୟ ଉପସଭାପତି ଦାଶ ମଜଦୂର ସଂଘର ଇତିହାସ, କାର୍ଯ୍ୟ କରିବାର ଶୈଳୀ ଏବଂ ସଂଗଠନ ପ୍ରତି ପ୍ରତ୍ୟେକ ଶ୍ରମିକଙ୍କ ଭୂମିକା ଓ ପ୍ରତିବଦ୍ଧତା ଉପରେ



ଆଲୋକପାତ କରିଥିଲେ। ସ୍ଥାନୀୟ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ରାଷ୍ଟ୍ରୀୟ ବିଶ୍ୱକର୍ମା ଯୋଜନା, ଶ୍ରମ କାର୍ଡର ଉପଯୋଗିତା ଓ ଉପକାରିତା, ପେନସନ ସୁବିଧା ଉପରେ ଶ୍ରମିକମାନଙ୍କୁ ମାର୍ଗଦର୍ଶନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ବିମାରେ ଅନ୍ତର୍ଭୁକ୍ତ ହେବାକୁ ହେଲେ ପ୍ରଥମେ ଶ୍ରମିକ ପଞ୍ଜିକୃତ ହେବା କଥା ବୁଝାଇଥିଲେ। ପରେ ସଭାପତି ସଂଘର ପଞ୍ଜୀକରଣ କିପରି ହୋଇପାରିବ ସେନେଇ ଅଧିକାରୀମାନଙ୍କୁ ଅନୁରୋଧ କରିବା ସହ ସଭିଙ୍କ ଉପସ୍ଥିତ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଚନ୍ଦ୍ରପୁର,୬।୩(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ଅନ୍ତର୍ଗତ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟରେ ୫୫ବର୍ଷ ପରେ ପ୍ରଧାନଶିକ୍ଷକଙ୍କ ଉଦ୍ୟମରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବରଙ୍କ ସଭାପତିତ୍ୱରେ ସେବାଶ୍ରମର ସହକାରୀ ଶିକ୍ଷକ ପ୍ରଶାନ୍ତ କରକରିଆଙ୍କ ସଂଯୋଜନାରେ ଆୟୋଜିତ ବାର୍ଷିକ ଉତ୍ସବରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉମାକାନ୍ତ ମିଶାଲ ମୁଖ୍ୟବକ୍ତା, ସଭାପତି ଭାବେ ପ୍ରଧାନଶିକ୍ଷକ ରାଜୁ ପାଲ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, ସିଙ୍ଗନା ତାଡ଼ିଙ୍ଗି, ଆଞ୍ଚଳିକ ସଂଯୋଜକ ହେମନ୍ତ କୁମାର ମଲ୍ଲିକ, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସଙ୍ଗୀତା ପ୍ରଟିଙ୍ଗା, ସ୍କୁଲ କମିଟି ସଭାପତି ବିଶ୍ୱନାଥ ପ୍ରଟିଙ୍ଗା, କିନାଡି ମଡ଼ା ସ୍କୁଲର ଶିକ୍ଷକ ଅନାମ ଚରଣ ଧୀବର, ତରାମାଳ ସ୍କୁଲର ଶିକ୍ଷକ ଚନ୍ଦ୍ରଶେଖର ଶବର ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ପରେ ସେବାଶ୍ରମର ପ୍ରଧାନଶିକ୍ଷକ ରାଜୁ ପାଲ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେବାଶ୍ରମର ସହକାରୀ ଶିକ୍ଷକ ସନ୍ତୋଷ କୁମାର କୁସୁଲିଆ, ଜଗନ୍ନାଥ ବାଗ, ଶ୍ରୀପତି ହାଡ଼ରଙ୍ଗାଙ୍କ ସହ ଚନ୍ଦ୍ରପୁର ଅଶ୍ରମ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ଡାଙ୍ଗସରଡ଼ା ଉଚ୍ଚ ବିଦ୍ୟାଳୟ ରାଇବିଜି କନ୍ୟାଶ୍ରମର ଶିକ୍ଷକ ସହ ଅନ୍ୟାନ୍ୟ ସ୍କୁଲର ଶିକ୍ଷକ ପ୍ରମୁଖଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀ କରକରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚ ଖୋଲିଲେ ଦୀର୍ଘ ବର୍ଷ ବନ୍ଦ ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସ

**ବିଷମକଟକ,୬।୩(ସମିସ)**



ଖୋଲିଲା ଦୀର୍ଘ ବର୍ଷରୁ ବନ୍ଦ ପଡ଼ିଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ। ଦଶନ୍ଧିରୁ ଅଧିକା ସମୟ ହେବ ବନ୍ଦ ରହିଥିବା ଏବଂ କୌଣସି ପଞ୍ଚାୟତ ଅଧିକାରୀ ଏହା ଖୋଲିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାବେଳେ ଆଜି ବିଷମକଟକ ସରପଞ୍ଚ ଏହି ବନ୍ଦ ପଡ଼ିଥିବା କମ୍ପ୍ଲେକ୍ସଗୁଡ଼ିକୁ ଖୋଲି ତାହାର ସ୍ଥିତି ପରଖିଛନ୍ତି। ଏହି କମ୍ପ୍ଲେକ୍ସ ଖୋଲିବା ପାଇଁ ସରପଞ୍ଚ ନମିତା କୁଲସିକା ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ନିବେଦନ କଲା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆହୁରି ମଧ୍ୟ ଗତ ୧୯ ତାରିଖ ଦିନ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ବିଷମକଟକ ସରପଞ୍ଚ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଦୀର୍ଘ ଦିନରୁ ବନ୍ଦ ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସକୁ କର୍ଯ୍ୟକ୍ଷମ କରାଯିବା ଦିଗରେ ତାଙ୍କ ସାହାଯ୍ୟ ଲୋଡ଼ିଥିଲେ। ଏପରିକି ଅନୁରୂପ ଭାବେ ଅନେକ ଥର ପୂର୍ବତନ ଜିଲ୍ଲାପାଳ ସ୍ୱଧାଦେବ ସିଂ, ଅତିରିକ୍ତ ଜିଲ୍ଲାପାଳ ଓ ସ୍ଥାନୀୟ ବିଡିଓଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ହେଲେ କୌଣସି ସୁଫଳ ମିଳିନଥିବାରୁ ବାଧ ହୋଇ ସ୍ଥାନୀୟ ସରପଞ୍ଚ ନିଜ ସମର୍ଥକଙ୍କ ସହ ଏହି କମ୍ପ୍ଲେକ୍ସକୁ ଖୋଲିବାରେ ସଫଳ ହୋଇଛନ୍ତି। ପ୍ରକାଶ ଥାଉକି ବିଷମକଟକ ପୁରୁଣା ବସଷ୍ଟାଣ୍ଡଠାରେ ଦୀର୍ଘ ୧୨ ବର୍ଷରୁ ଅଧିକା ସମୟ ହେବ ଗ୍ରାମପଞ୍ଚାୟତ ବିଷମକଟକ ତରଫରୁ ୯ଟି ମାର୍କେଟ କମ୍ପ୍ଲେକ୍ସ ନିର୍ମିତ ହୋଇ ପଡ଼ିରହିଥିଲା। ଅଥଚ ସେଗୁଡିକ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ତତ୍କାଳୀନ ସରପଞ୍ଚମାନେ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ୯ଟି ମାର୍କେଟ କମ୍ପ୍ଲେକ୍ସଗୁଡ଼ିକ ଭଡ଼ାସୂତ୍ରରେ ଦେବା ପାଇଁ ବହୁ ଲୋକଙ୍କଠାରୁ ଅଗ୍ରିମ ଆକାରରେ ଲକ୍ଷାଧିକ ଟଙ୍କା ନେଇଯାଇ ଆତ୍ମସାତ କରିଦେଇଥିବା ଯୋଗୁଁ ଏହା ସମସ୍ୟା ଘେରରେ ରହିଥିବା ଅଭିଯୋଗ ହେଉଥିଲା। ଅଗ୍ରିମ ଆକାରରେ ନିଆ ଯାଇଥିବା ଟଙ୍କା କେଉଁଠାରେ ଜମା କରାଗଲା କେଉଁଠାରେ ଖର୍ଚ୍ଚ କରାଗଲା ସେ ନେଇ ତତ୍କାଳୀନ ପିଇଓମାନେ କୌଣସି ହିସାବ ରଖିନାହାନ୍ତି କି କୌଣସି ନଥିପତ୍ର ମଧ୍ୟ କାର୍ଯ୍ୟାଳୟରେ ନାହିଁ। କେଉଁ ପରିସ୍ଥିତିରେ ପଞ୍ଚାୟତ କାର୍ଯ୍ୟାଳୟରେ ଅଗ୍ରିମ ବାବଦରେ କୌଣସି ତଥ୍ୟ ନାହିଁ, କି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବଦଳି ହୋଇ ଆସୁଥିଲେ ମଧ୍ୟ ଏହି କମ୍ପ୍ଲେକ୍ସର ଫାଇଲ୍ ଦାୟିତ୍ୱ କାହାରିକୁ ହସ୍ତାନ୍ତର କରାନଯିବା ତଦନ୍ତ ସାପେକ୍ଷ। ଯଦି ଏହି କମ୍ପ୍ଲେକ୍ସ ଗୃହଗୁଡ଼ିକ ମରାମତି ଆବଶ୍ୟକ ପଡ଼େ ତେବେ ଏହାର ମରାମତି କାର୍ଯ୍ୟ ସାରି ଏସବୁକୁ ବ୍ୟବସାୟୀମାନଙ୍କୁ ପ୍ରଦାନ କରାଯିବା ଯାହାଫଳରେ ପଞ୍ଚାୟତର ଆୟ ବୃଦ୍ଧି ପାଇବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

# ନବରଙ୍ଗପୁର ମହାବିଦ୍ୟାଳୟରେ 'ନୂଆ-ଓ' ଛାତ୍ରବୃତ୍ତି ବିତରଣ

**ନବରଙ୍ଗପୁର,୬।୩(ସମିସ):** ନବରଙ୍ଗପୁର ମହାବିଦ୍ୟାଳୟର ବିନୋଦ ଝା ପ୍ରେକ୍ଷାଳୟରେ 'ନୂଆ-ଓ' ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିତରଣ ଉତ୍ସବରେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଅତିଥି ଭାବରେ ଯୋଗଦେଇ 'ନୂଆ-ଓ' ଛାତ୍ରବୃତ୍ତିର ଅନୁମୋଦନ ଆଦେଶ ବଣ୍ଟନର ଶୁଭାରମ୍ଭ କରିଥିଲେ। ଯୁବକମାନଙ୍କର ଦକ୍ଷତା ବିକାଶ ତଥା ସଶକ୍ତିକରଣ ଏବଂ ଉଚ୍ଚଶିକ୍ଷାର ରୂପାନ୍ତରଣରେ ରାଜ୍ୟ ସରକାରଙ୍କ ଏହି ଛାତ୍ରବୃତ୍ତି ସେମାନଙ୍କ ପାଠ ପଢ଼ାରେ ସହାୟକ ହେବ ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। ଏହି ଟଙ୍କାକୁ ପାଠପଢ଼ା କାର୍ଯ୍ୟରେ ବିନିଯୋଗ କରି ସଶକ୍ତ ନୂଆ ଓଡ଼ିଶା ଗଠନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣରେ ରାଜ୍ୟ ସରକାରଙ୍କ ଦ୍ୱାରା ମହାବିଦ୍ୟାଳୟ ପାଇଥିବା ବିଭିନ୍ନ ଅନୁଦାନ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଏହି ଛାତ୍ରବୃତ୍ତି ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର ଓ ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ ହଜାର ଓ ଝିଅଙ୍କୁ ୧୧ ହଜାର ଟଙ୍କା ଛାତ୍ରଛାତ୍ରୀମାନଙ୍କୁ ସିଧା ସଳଖ ତାଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରାଯାଉଛି। ନବରଙ୍ଗପୁର ମହାବିଦ୍ୟାଳୟରେ ସ୍ନାତକରେ ପଢୁଥିବା ତେର ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି 'ନୂଆ-ଓ' ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇ ଅନୁମୋଦନ ପତ୍ର ଗ୍ରହଣ କରିଥିଲେ। ଅବସରରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ଜାହାଙ୍ଗୀର ମହମ୍ମଦଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ଲାଭ କରିଥିବାରୁ ସମ୍ମାନିତ କରାଯାଇଥିବା ବେଳେ ନୂତନ ଭାବେ ଯୋଗ ଦେଇଥିବା ଗଣିତ ଓ ରସାୟନ ବିଜ୍ଞାନ ବିଭାଗରେ ଏସ୍‌ଏସବି ଅଧ୍ୟାପକ




ବୁଦ୍ଧଦେବ ସାହୁ ଓ ଅଧ୍ୟାପିକା ସୁଶୀଳା ଭୋଇଙ୍କୁ ଅତିଥିମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶମ୍ଭୁପ୍ରସାଦ ହୋତା ଓ ମହାବିଦ୍ୟାଳୟର ଅର୍ଥନୀତି ବିଜ୍ଞାନ ବିଭାଗ ମୁଖ୍ୟ ଦିଲ୍ଲୀପ କୁମାର ହୋତା ସଂଯୋଜନା କରିଥିବାବେଳେ ଅଶୋକ ପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଏବଂ ଛାତ୍ରବୃତ୍ତି ସଂଯୋଜକ ମନୋରଞ୍ଜନ ଖୁରା ସହଯୋଗ କରିଥିବାବେଳେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ








**ନବରଙ୍ଗପୁର,୬।୩(ସମିସ):**

ନବରଙ୍ଗପୁର ଜିଲ୍ଲା ନିର୍ବାଚନମଣ୍ଡଳୀସ୍ତରୀୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ନବରଙ୍ଗପୁର ସର୍କିଟ ହାଉସ ନିକଟ ମାଝିଗୁଡ଼ା ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ବିଜେଡିର ସମସ୍ତ କର୍ମୀ ଓ ନେତା ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ବିକଶିତ ଓଡ଼ିଶା ଗଠନରେ ସ୍ୱର୍ଗତଃ ବିଜୁ ବାବୁଙ୍କ ମହାନ ଅବଦାନର ସ୍ମୃତିଚାରଣ କରିଥିଲେ। ପରେ ଶତାଧିକ ବିଜେଡି ନେତା ଓ କର୍ମୀ ସର୍କିଟ ହାଉସ ଛକଠାରୁ ଏକ ଶୋଭାଯାତ୍ରାରେ ଯାଇ ମାଝିଗୁଡ଼ାସ୍ଥିତ ଦିନଦୟାଲ ବାଳିକା ଆଶ୍ରମରେ ଫଳ ଏବଂ ବିସ୍କୁଟ ବଣ୍ଟନ କରିଥିଲେ। ଏହାପରେ ନବରଙ୍ଗପୁର ସହର ଜାତୀୟ ରାଜପଥର କଡ଼ରେ ଥିବା ମାନସିକ ଅନଗ୍ରସର ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟ ଆଶା କିରଣ ଯାଇ ସେଠାରେ ଛାତ୍ରଛାତ୍ରୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଅବସରରେ ଅପରାହ୍ଣରେ ନବରଙ୍ଗପୁର ସାଇ କଲ୍ୟାଣମଣ୍ଡପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ଆଜିର ଏହି ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ଯେବେଠାରୁ ଏହି ଦଳ ଗଠିତ ହୋଇଛି ସେବେଠାରୁ ଆଜି ପର୍ଯ୍ୟନ୍ତ ସବୁବେଳେ ସବୁ ସମୟରେ ପ୍ରତ୍ୟେକ ଲୋକଙ୍କ ସହିତ ରହି ସେବା କରି ଆସୁଛି ଏବଂ ଆଗକୁ ମଧ୍ୟ ଏହି ଜନ ସେବା ଜାରି ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ଯୋଗଦେଇ ବିଜୁ ବାବୁଙ୍କ ଭଳି ଜଣେ ଏଭଳି ବ୍ୟକ୍ତିତ୍ୱ ଥିଲେ ଯିଏକି ଏହି ଦେଶ ତଥା ରାଜ୍ୟର ବିକାଶ ପାଇଁ ନିଜକୁ ସମର୍ପିତ କରିଦେଇଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ, ବିଧାୟକ ସଦାଶିବ ପ୍ରଧାନୀ, ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, କାଉନସିଲର ରଞ୍ଜିତା ପଣ୍ଡା, କାଉନସିଲର ନଗେନ୍ଦ୍ର କୁମାର ପଟ୍ଟନାୟକ, କାଉନସିଲର ପି.କେଶବ ରାଜୁ, କାଉନସିଲର ଅଲେଖ ସୌରା, କାଉନସିଲର ଗୀତାଞ୍ଜଳି ଯାଦବ, ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଜିଲ୍ଲା ଉପସଭାପତି ରବି ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଦିଲ୍ଲୁ ପଣ୍ଡା, ବିଜେଡି ମହିଳା ଜିଲ୍ଲା ସଭା ନେତ୍ରୀ ମଞ୍ଜୁଳା ମାଝୀ, ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ, ସାଂସଦ ପ୍ରତିନିଧି ବାବୁଲି ମିଶ୍ର, ସନ୍ତୋଷ କୁମାର ମିଶ୍ର, ନବରଙ୍ଗପୁର ୯ ନମ୍ବର ୱାର୍ଡ ବିଜେଡି ସଭାପତି ଦୁର୍ଗା ତ୍ରିପାଠୀ, ଆର ପୁରୁଷୋତ୍ତମ ରାଜୁ, ଜିଲ୍ଲା ବିଜେଡି ଉପ ସଭାପତି ସରୋଜ ପାତ୍ର, ବିଜେଡି ଜିଲ୍ଲା ଉପସଭାପତି ଉତ୍ତମ ତ୍ରିପାଠୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭୀମ ହରିଜନ, ଆଶିଷ ପଟ୍ଟନାୟକ, ଜିଲ୍ଲା ବିଜେଡି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲ୍ୟାମ୍ପ ସଭପତି ଅଖିଳ ଭତ୍ରା, ଛାତ୍ର ବିଜେଡି ସଭାପତି ଅଭିନାଶ ମହାପାତ୍ର, ନଗର ବିଜେଡି ସମ୍ପାଦକ କୁନା ପଣ୍ଡା, ନନ୍ଦା ହାଣ୍ଡି ବ୍ଲକ୍ ସଭାପତି ଦୟା ନିଧି ବିଷୋୟୀ, ବ୍ଲକ ସାଂସଦ ପ୍ରତିନିଧି ସୁନିଲ କୁମାର ସାହୁ, କୌଶଲ୍ୟା ପ୍ରଧାନି, ପୀଙ୍କୁ ଗନ୍ତାୟତ, କୁନା ପାଢ଼ୀ, ଲାଲୁ ତ୍ରିପାଠୀ, ସିରାଜଉଦ୍ଦିନ ଅହମ୍ମଦ, ସଞ୍ଜୟ ନାୟକ, ସୁମିତ ପାଳ ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକ୍ ବିଜେଡି ସଭାପତି, ବୁଥ ବିଜେଡି ସଭାପତି ଏବଂ ବିଜୁ ଜନତା ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**କୋଷାଗୁମୁଡ଼ା :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷଠାରେ ରବିବାର ପଞ୍ଚାୟତିରାଜ, ଲୋକସେବା ଦିବସ ଓ ୧୦୮ ତମ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ଜିପିଇଓ ତ୍ରିଲୋଚନ ଛଞ୍ଚାଣ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, ଜିପିଓ ତ୍ରିଲୋଚନ ଛଞ୍ଚାଣ, ଏଏଫଓ ଗିରିଜା ଶଙ୍କର ପଟ୍ଟନାୟକ, ସମାଜସେବୀ ଗୁପ୍ତ ପଟ୍ଟନାୟକ, ଡୁମର ପୂଜାରୀ, ପ୍ରହଲ୍ଲାଦ ଭତ୍ରା, ସଞ୍ଜୟ ପଟ୍ଟନାୟକ, ହରିବନ୍ଧୁ ମାଝୀ, ମୁନା ବିଶୋଇ, କୋଷାଗୁମୁଡ଼ା ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ମତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକୋଡ଼, ଅଲେଖ ମାଝୀ, ପିଇଓ ପ୍ରସନ୍ନ କୁମାର ପଣ୍ଡା, ଭୀମସେନ ପ୍ରଧାନୀ, ଟିକିଚାନ୍ଦ କାଉଡୋଳା, ଗୋଦାଧର ପୂଜାରୀ, ପ୍ରଫୁଲ୍ଲ କୁମାର ବାଘ, ଚିଙ୍ଗୁଡୁ ବିଶୋଇ, ଗୋବର୍ଦ୍ଧନ ଗୌଡ଼, ରାଧା ମାଝି, ନବିନା ନାୟକ, ସତ୍ୟବ୍ରତ ଯାନୀ, ବାଲେସ କଷ୍ଟା, ବଳଧର ଭତ୍ରା, ମୋହନ ମାଝୀ, ସୋନସିଂ ମୁରିଆ ଓ କୋଷାଗୁମୁଡ଼ା ବ୍ଲକର ୨୬ଟି ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି କୋଷାଗୁମୁଡ଼ା ସ୍ଥାନୀୟ ପଞ୍ଚାୟତରେ ସରପଞ୍ଚ ଡାଲିମ୍ବ ମାଝୀଙ୍କ ଅଧ୍ୟକ୍ଷତାରେ ଓ ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀଙ୍କ ସହଯୋଗରେ ପଞ୍ଚାୟତିରାଜ ଦିବସ ଓ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଥିଲା।

**ମୁନିଗୁଡ଼ା :** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ମୁନିଗୁଡ଼ା ବିଜେଡି ଦଳ ବ୍ଲକ ସଭାପତି ରତନ ଲାଲ ଜୈନଙ୍କ ନେତୃତ୍ୱରେ ମଙ୍ଗଳବାର ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳୁ ମନ୍ଦିରରେ ଦୀପଦାନ, ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ, ବିସ୍କୁଟ ଏବଂ ବସଷ୍ଟାଣ୍ଡ ଓ ରେଲୱେ ଷ୍ଟେସନରେ ଘୁରି ବୁଲୁଥିବା ଗରିବ ଲୋକମାନଙ୍କୁ ଖାଦ୍ୟ ବାଣ୍ଟନ କରାଯାଇଥିଲା। ପରେ ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ବ୍ଲକ ସଭାପତି ଶ୍ରୀ ଜୈନଙ୍କ ସଭାପତିତ୍ୱ ଓ ଜିଲ୍ଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ସଂଯୋଜନାରେ ବିଜୁବାବୁଙ୍କ ସ୍ମୃତିରେ ଏକ ସଭା ଆୟୋଜିତ ହୋଇଥିଲା। ନେତୃମଣ୍ଡଳୀ ଓ କର୍ମୀମାନେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସ୍ମୃତିଚାରଣ କରିଥିଲେ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ ଓ ବିଜୁ ପଟ୍ଟନାୟକ ସ୍ମୃତି ସଂସଦ ସହିତ ବିଭିନ୍ନ କ୍ଲବରେ ବିଜୁବାବୁଙ୍କ ଜନ୍ମ ଦିନ ପାଳିତ ହୋଇଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ଓ କ୍ଲବ ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଅବସରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡନ ବସକୋ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ପଞ୍ଚାୟରାଜ ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଫାଦର୍ ରବର୍ଟ ଜାଭିୟରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଡା.ଗୌରାଙ୍ଗ ଚରଣ ରାଉତ ଓ ସମ୍ମାନିତ ଅତିଥି ରୂପେ ଭାଇସ ସେକ୍ଟର ଫାଦର ସୋନି ସାଇରିକ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପାୟଲ ପଣ୍ଡା, ଦୋନାଲିପ୍ରଭା ପ୍ରଧାନ, ଗୌତମ ଜେନା ପ୍ରମୁଖ ପଞ୍ଚାୟତିରାଜ ଦିବସର ଅନୁଚିନ୍ତା ଓ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାଉତ ଗ୍ରାମାଞ୍ଚଳରେ ବିକାଶ, ଦାରିଦ୍ର ଦୂରୀକରଣ ଓ ଗଣତନ୍ତ୍ର ବିଧି ବ୍ୟବସ୍ଥାରେ ସୁଦୃଢ଼ୀକରଣ ଉପରେ ବିଜୁବାବୁଙ୍କ ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପାଧ୍ୟକ୍ଷ ଫାଦର କେ.ପ୍ରବୀଣ ଓ ସମସ୍ତ କର୍ମଚାରୀ ସହାୟତା କରିଥିଲେ।

## ବଣିକ ସଂଘ ସହାୟତାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଲା ଆକ୍ୱାଗାର୍ଡ

**ଧୋଡ୍ରା,୬।୩(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତଠାରେ ରହିଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଧୋଡ୍ରା ବଣିକ ସଂଘ ତରଫରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ସ୍ୱଚ୍ଛ ଓ ନିର୍ମଳ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଆକ୍ୱାଗର୍ଡ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର ଭୂୟାଁ ଯୋଗଦେଇ ସ୍ୱଚ୍ଛ ଓ ନିର୍ମଳ ଜଳ ଆମ ଶରୀର ପାଇଁ କେତେ ଉପକାରୀ ସେ ଉପରେ ଆଲୋକପାତ କରିଥିଲେ। ଧୋଡ୍ରା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଜିତ କୁମାର ଦାସ, ଫାର୍ମାସିଷ୍ଟ ମନୋଜ କୁମାର ଜେନା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ବଣିକ ସଂଘର ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣିକ ସଂଘ ସଭାପତି ମାୟାଧର ବେହେରା, ଉପଦେଷ୍ଟା ଜାନକି ରାମ ଯାଦବ, ପଙ୍କଜ ଗୁପ୍ତା, କାଳିପଦ ମଣ୍ଡଳ, ଆଜମିର ବେଗ, ରଞ୍ଜିତ କୁମାର ଜେନା, ବିକାଶ ଭୂୟାଁ, ଅମ୍ବିକା ପ୍ରସାଦ ସ୍ୱାଇଁ, ଜଗଦେବ ଯାଦବ, ବିଶ୍ୱଭୂଷଣ ସାହୁ, ଜ୍ୟୋତିର୍ମୟ ରାଏ, ମୁବାରକ ଅଲ୍ଲୀ, ବରୁଣ ପନକା, କୁଞ୍ଜ ବିହାରି ସ୍ୱାଇଁ, କେଦାର ପଟ୍ଟନାୟକ ତଥା ଧୋଡ୍ରା ପଞ୍ଚାୟତର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

■ ରାୟଗଡ଼ାର କଳାକାରମାନଙ୍କୁ ନେଇ ସାଧାରଣ ବୈଠକ

## ପ୍ରାର୍ଥୀ ଚୟନକୁ ନେଇ କଳାକାରଙ୍କ ବିରୋଧ



**ରାୟଗଡ଼ା,୬।୩(ସମିସ):** ରାୟଗଡ଼ାର ସ୍ଥାନୀୟ ସଂସ୍କୃତି ଅନୁଷ୍ଠାନ ପରିସରରେ ରବିବାର କଳାକାରମାନଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ବୈଠକରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କଳାକାରମାନେ ସାମିଲ ହୋଇଥିଲେ। ବୈଠକରେ ଗତ ମାସରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ନୂଆ ସାଧାରଣ ପରିଷଦ ଗଠନ କରାଯାଇଛି। ଯେଉଁଥିରେ ୩୦ଟି ଜିଲ୍ଲାରୁ ସଦସ୍ୟ ଚୟନ ହୋଇଥିବାବେଳେ ରାୟଗଡ଼ା ଜିଲ୍ଲାରୁ ମଧ୍ୟ ଜଣେ ମହିଳାଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି। ଯାହାକୁ ସ୍ଥାନୀୟ କଳାକାରମାନେ ବିରୋଧ କରିଛନ୍ତି। ଜିଲ୍ଲାରେ କଳା ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଲାଭକରି ଅନେକ ବରିଷ୍ଠ ନାଟ୍ୟ ଗୁରୁ ଏବଂ ସଂଗୀତ ଗୁରୁ କଳାକାର ଭାବେ ରହିଥିଲେ ସୁଦ୍ଧା କଳାକାରମାନଙ୍କ ମତାମତ ନ ନେଇ ସଦସ୍ୟ ଚୟନ କରାଯାଇଛି। ତେଣୁ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ଦିଆଯାଇ ହୋଇଥିବା ତ୍ରୁଟିପୂର୍ଣ୍ଣ ଚୟନକୁ ରଦ୍ଦ କରି ନୂତନ ଭାବେ ବିଜ୍ଞାପନ ବାହାର କରିବାକୁ ଦାବି କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଜିଲ୍ଲା ସଂସ୍କୃତି ପରିଷଦ ଗଠନ, ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲାରେ ଏକ ଦୃଢ଼ ଏବଂ ମଜବୁତ କଳାକାର ସଂଘ ଗଠନ ହେଲେ ଜିଲ୍ଲାର କଳାକାର ସଚେତନ ହେବା ସହ ସମସ୍ତ ପ୍ରଶାସନିକ ସୁବିଧା ବିଷୟରେ ଅବଗତ ହୋଇପାରିବେ ବୋଲି ଆଲୋଚନା ହୋଇଛି। ସଂଘ ପ୍ରତିନିଧିତ୍ୱ ପାଇଁ ଏକ ୭ଜଣିଆ କୋର୍ କମିଟି ଗଠନ କରିବା ବିଷୟରେ ଆଲୋଚନା ହୋଇଥିଲା। ବରିଷ୍ଠ କଳାକାରମାନେ ସମସ୍ତ କଳାକାରମାନଙ୍କୁ ଏକତ୍ରିତ ପାଇଁ ଆହ୍ୱାନ ଦେଇଛନ୍ତି। ଏକତ୍ରିତ ହେଲେ ସଂଘ ମଜବୁତ ହେବ ଯାହା ଦ୍ୱାରା କଳାକାରମାନଙ୍କର ବିକାଶ ହେବ ବୋଲି କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଂଗୀତ ଗୁରୁ ଲକ୍ଷ୍ମୀନାରାୟଣ ବେହେରା, ନାଟ୍ୟ ଗୁରୁ ତ୍ରିଲୋଚନ ସାହୁ, ସରକାରୀ ଆଇନଜୀବୀ ବିନାୟକ କର, ଗୋପୀନାଥ ମହାପାତ୍ର, ରଶ୍ମୀରଞ୍ଜନ ଦୋରା, ପ୍ରଦୀପ ନାୟକ, ଗଣେଶ ବାହାଦୁର, କାଳୀଚରଣ ରଥ, ପ୍ରଭାକର ମିଶ୍ର, ମହେଶ୍ୱେତା ପଟ୍ଟନାୟକଙ୍କ ସମେତ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ।

## ରେଲୱେ କାଉଣ୍ଟର ପୁନଃ କାର୍ଯ୍ୟକ୍ଷମ

**ନବରଙ୍ଗପୁର,୬।୩(ସମିସ):** ଜୁଲାଇ ୧୮ରୁ ବନ୍ଦ ହୋଇଥିବା ରେଲୱେ ରିର୍ଜଭେସନ କାଉଣ୍ଟର ମଙ୍ଗଳବାର ପୁନଃ କାର୍ଯ୍ୟକ୍ଷମ ହୋଇଛି। ୱାଲ୍ଟିଅର ଡିଭିଜନ ଅନ୍ତର୍ଗତ ଏହି କାଉଣ୍ଟରକୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏବଂ ପୂର୍ବତନ ସାଂସଦ ବଳଭଦ୍ର ମାଝୀ ଉଦଘାଟନ କରିଥିଲେ। ଘରୋଇ ବସଷ୍ଟାଣ୍ଡ ପରିସରରେ ଖୋଲା ଯାଇଥିବା ଏହି ରେଲୱେ କାଉଣ୍ଟର ପ୍ରତିଦିନ ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଟିକେଟ ଉପଲବ୍ଧ ହେବ। କାଉଣ୍ଟରର ଦାୟିତ୍ୱରେ ଚିଫ୍ କମର୍ସିଆଲ୍ ସନ୍ତୋଷ କୁମାର ମିନା ରହିବେ। ତାଙ୍କ ଅନୁପସ୍ଥିତିରେ କୋରାପୁଟ ରେଲୱେ କାର୍ଯ୍ୟାଳୟରୁ କର୍ମଚାରୀ ଦାୟିତ୍ୱ ନିର୍ବାହ କରିବେ। ଦୈନିକ ଅନୁନ୍ୟ ୨୫ ଖଣ୍ଡ ଟିକେଟ ବିକ୍ରୟ କରିବା ପାଇଁ ଲକ୍ଷଧାର୍ଯ୍ୟ କରାଯାଇଛି। ବ୍ୟାଙ୍କ ଛୁଟି ଦିବସ ବ୍ୟତୀତ ଅନ୍ୟ ଦିବସଗୁଡ଼ିକରେ କାଉଣ୍ଟର ଖୋଲାରହିବ ବୋଲି ୱାଲ୍ଟିଅର ଡିଭିଜନର ଆସିଷ୍ଟାଣ୍ଟ କମରସିଆଲ ମ୍ୟାନେଜର ଜୋସେଫ ଭୂଷଣ କିରୋ ସୂଚନା ପ୍ରଦାନ କରିଛନ୍ତି।

## ଭୋଜି ଖାଇ ଜଣେ ନାବାଳିକା ମୃତ, ଅନେକ ଅସୁସ୍ଥ

**ମାଥିଲି,୬।୩(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଚାଉଳମେନ୍ଦି ପଞ୍ଚାୟତରେ ଭୋଜି ଖାଇ ଅନେକ ଅସୁସ୍ଥ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଚାଉଳମେନ୍ଦି ପଞ୍ଚାୟତର ନୂଆଗୁଡ଼ା ଗ୍ରାମରେ ଏକ



ବିବାହ ଭୋଜିର ଆୟୋଜନ ହୋଇଥିଲା। ଏହି ଭୋଜି ଖାଇବା ପରେ ଅନେକ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ଏହାସହ ଉକ୍ତ ଭୋଜିରେ ଉପସ୍ଥିତ ଥିବା ଏକାଧିକ ଲୋକ ଭୋଜି ଖାଇବା ଆଗରୁ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ଏନେଇ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ନିମନ୍ତେ ଯୋଗାଯୋଗ କରିବା ସତ୍ତ୍ୱେ ଦୀର୍ଘ ସମୟ ଯାଏଁ ଆମ୍ବୁଲାନ୍ସ ଆସି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବିଳମ୍ବରେ ଆମ୍ବୁଲାନ୍ସ ଆସି ପହଞ୍ଚିବା ପରେ ତୁରନ୍ତ ଅସୁସ୍ଥ ଲୋକଙ୍କୁ ସ୍ଥାନୀୟ ଲୋକେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସା ସମୟରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିବାବେଳେ ଅନେକଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର କିଛି କର୍ମଚାରୀ ଉକ୍ତ ଗ୍ରାମରେ ପହଞ୍ଚିଥିବା ମଧ୍ୟ ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଶରତ ବୁରିଦା ମଧ୍ୟ ସେଠାରେ ପହଞ୍ଚି ସ୍ୱାସ୍ଥ୍ୟ ଅଧିକାରୀମାନେ ଘଟଣାର ପ୍ରକୃତ କାରଣ ଖୋଜିବାକୁ ଦାବି କରିଛନ୍ତି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶୋକସଭା

**ସେମିଳିଗୁଡ଼ା, ୬।୩(ସମିସ :** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦୁଇ ଜଣ ବରିଷ୍ଠ ସଦସ୍ୟ ସ୍ୱର୍ଗତ ମୁରଲୀଧର ବିଶ୍ୱାଳ ଏବଂ ସ୍ୱର୍ଗତ କୃଷ୍ଣପ୍ରିୟା ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ସଂଘର ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ରଘୁନାଥ ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ସଦସ୍ୟ ଫକିର ଚନ୍ଦ୍ର ରାଉତ, ପାଣ୍ଡୁ ଚରଣ ସାହୁ, ପ୍ରଶାନ୍ତ କୁମାର ବେହେରା, ପ୍ରଶାନ୍ତ ପଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱର୍ଗତ ବିଶ୍ୱାଳ ଏବଂ ସ୍ୱର୍ଗତା ପଟ୍ଟନାୟକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶୋକ ସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଥିଲେ। ସ୍ୱର୍ଗୀୟ ସଦସ୍ୟଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ବଡ଼ବଡ଼ିଆଙ୍କ କବ୍‌ଜାରେ କେନାଲ; ଚାଷୀଙ୍କ କାମରେ ଆସୁନି

● କେନାଲ ସ୍ଥାନ ବିଭାଜନ ସହ ଉଚ୍ଛେଦ ଦାବି





**ମୁନିଗୁଡ଼ା,୬।୩(ସମିସ):**

ମୁନିଗୁଡ଼ା ଓ ତା'ର ଆଖପାଖ ଅଞ୍ଚଳରେ ଥିବା ଚାଷୀଙ୍କ ଜମିକୁ ଜଳସେଚିତ ପାଇଁ ନିର୍ମାଣ ହୋଇଥିବା କେନାଲ ଆଜି ବଡ଼ବଡ଼ିଆଙ୍କ ଦଖଲରେ। ବଡ଼ବଡ଼ିଆମାନେ ଉକ୍ତ କେନାଲ ଉପରେ ଓ ଦୁଇ ପାର୍ଶ୍ୱରେ ବେଆଇନ ଭାବେ ଜବରଦଖଲ କରିବା ସହ ବଡ଼ ବଡ଼ କୋଠା ନିର୍ମାଣ କରିଥିବା ଅଭିଯୋଗ ହେଉଛି। ଯେଉଁ କାରଣରୁ କେନାଲ ତା'ର ନିଜର ଅସ୍ତିତ୍ୱ ହଜାଇ ବସିବା ସହ ଚାଷୀମାନଙ୍କ ଜମିକୁ ଜଳସେଚିତ ହୋଇପାରୁନାହିଁ। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗକୁ ଦାୟୀ କରିଛନ୍ତି। ରାୟଗଡ଼ା ଜିଲ୍ଲା ଜଳ ସମ୍ପଦ ବିଭାଗ ମୁନିଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପକ୍ଷରୁ ମୁନିଖୋଲ ପଞ୍ଚାୟତ ଶକଟାଠାରେ ଏକ ଡ୍ୟାମ୍ ନିର୍ମାଣ ହୋଇ ମୁନିଗୁଡ଼ା ଅଞ୍ଚଳର ବିଭିନ୍ନ ରାଜସ୍ୱ ଗ୍ରାମଗୁଡ଼ିକର ଚାଷଜମିକୁ ଜଳସେଚିତ କରୁଥିଲା। ଦୀର୍ଘ ବର୍ଷ ହେଲା ଉକ୍ତ ଅଞ୍ଚଳର କିଛି ଲୋକ ବେଆଇନ ଭାବେ କେନାଲ ଜମି ଉପରେ ଜବରଦଖଲ କରି ଗୃହ ନିର୍ମାଣ କରି ଆସୁଥିବାବେଳେ କେନାଲଟି ନିଜର ଅସ୍ତିତ୍ୱ ହଜାଇ ବସିଲାଣି। ଯାହା ଫଳରେ ହଜାର ହଜାର ହେକ୍ଟର ଚାଷଜମିକୁ ଜଳସେଚିତ ହେଉ ନ ଥିବାରୁ ଚାଷଜମି ସବୁ ପଡ଼ିଆ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଉକ୍ତ କେନାଲ ଶକଟାଠାରୁ ବାହାରି ମୁନିଗୁଡ଼ା ଟିକରପଡ଼ା ମୌଜା ଦେଇ ମୁନିଗୁଡ଼ା ସହର ପଛପଟେ ଥିବା ଜମିଗୁଡ଼ିକୁ ଜଳସେଚିତ କରିବା ସହ ଅଞ୍ଚଳର ହଜାର ହଜାର ଚାଷଜମିକୁ ଜଳସେଚିତ ହେଉଥିଲା। ଦୀର୍ଘ ବର୍ଷ ହେଲା ଉକ୍ତ କେନାଲ ଜମି ଉପରେ ଅଞ୍ଚଳର କିଛି ଲୋକ ବେଆଇନ ଭାବେ ଜବରଦଖଲ କରି କେନାଲ ସ୍ଥାନରେ ଗୃହ ନିର୍ମାଣ କରିବା ଦ୍ୱାରା ଉକ୍ତ ଗୃହର ଆବର୍ଜନା ପାଣି କେନାଲକୁ ନିଷ୍କାସନ କରୁଥିବାରୁ କେନାଲଟି ଡ୍ରେନରେ ପରିଣତ ହେବା ସହ ଚାଷଜମିକୁ ଆଉ ଜଳସେଚିତ ହୋଇପାରୁ ନାହିଁ। ଘଟଣା ବିଷୟରେ ଅଞ୍ଚଳର ଚାଷୀମାନେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗକୁ ଅଭିଯୋଗ କରିବା ପରେ ତତ୍କାଳୀନ ମୁନିଗୁଡ଼ା ଥାନା ଆଇଆଇସି ଓ ତତ୍କାଳୀନ ମୁନିଗୁଡ଼ା ତହସିଲଦାରଙ୍କୁ ଚିଠି ହୋଇଥିଲା। ହେଲେ ଆଜକୁ ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଟିକରପଡ଼ା, ଲିଟିଗୁଡ଼ା, ଭୈରବଗଡ଼, ଗୋବର୍ଦ୍ଧନ, ବାହଲପଦ୍ମପୁର ଅଞ୍ଚଳର ଚାଷୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଯଥାଶୀଘ୍ର ଉକ୍ତ କେନାଲର ପୁନରୁଦ୍ଧାର ସହିତ ଜମି ବିଭାଜନ କରିବା ପାଇଁ ଦାବି କରିଛନ୍ତି। ସୂଚନା ଥାଉକି, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ଦ୍ୱାରା ଶକଟାଠାରୁ ଆରମ୍ଭ ହୋଇଥିବା କେନାଲ ଜମିର ପରିମାଣ ୨୫ ଏକରରୁ ଅଧିକ ଥିବାବେଳେ କେନାଲ ଉଭୟ ପାର୍ଶ୍ୱରେ ୩୦ ଫୁଟରୁ ଅଧିକ ଜମି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗ ନାମରେ ରହିଛି। କେନାଲର ଉଭୟ ପାର୍ଶ୍ୱର ସ୍ଥାନକୁ ଜବରଦଖଲ କରିବା ସହିତ କେନାଲ ଉପରେ ଗୃହ ନିର୍ମାଣ ହୋଇଥିବାରୁ ଚାଷୀମାନଙ୍କ ଜମିକୁ ଜଳସେଚିତ ହେଉନାହିଁ। ଯାହା ଫଳରେ ବର୍ଷ ବର୍ଷ ଧରି ଚାଷୀଙ୍କ ଜମି ପଡ଼ିଆ ପଡୁଥିବା ନେଇ ଚାଷୀ ସୁଦର୍ଶନ ମାର୍ଥା, ସୋମନାଥ ମାର୍ଥା, ତ୍ରିନାଥ ରତ୍ନାଲୁ, ଦେବରାଜ ପାଣି, ଅଭିରାମ ପାଲକିଆ, ରାମ କାଡ୍ରାକା, ଭାସ୍କର କାଡ୍ରାକା ପ୍ରମୁଖ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ସିଧାସଳଖ ହସ୍ତକ୍ଷେପ କରନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଥିବାବେଳେ ଓଡ଼ିଶା ସରକାର କ୍ଷୁଦ୍ର ଜଳସେଚନ ବିଭାଗ ମୁନିଗୁଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ଏହି ବିଷୟରେ ତହସିଲ ସହିତ ପୁଲିସ ପ୍ରଶାସନକୁ ଅବଗତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆମକୁ ନିର୍ଦ୍ଦେଶ ଆସିଲେ ଉକ୍ତ କେନାଲର ବିଭାଜନ ସହିତ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜଣାଇଥିଲେ।

## ଅଷ୍ଟମ କେନ୍ଦ୍ରୀୟ ସିଆରପିଏଫ୍‌ର ଜନସମ୍ପର୍କ ଶିବିର




**ଚନ୍ଦ୍ରପୁର,୬।୩(ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତର ରାଇବିଜି ସିଆରପିଏଫ କ୍ୟାମ୍ପ ପରିସରରେ ଅଷ୍ଟମ ବାଟାଲିୟନ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ହନୁମନ୍ତପୁର ଓ ବୁଡୁବାଲି ପଞ୍ଚାୟତର ଗରିବ, ବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବା ମହିଳାଲୋକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୪୦ ଜଣଙ୍କୁ ଫିଲଟର, ୮୦ ଜଣଙ୍କୁ ଧୋତି ଓ ଶାଢ଼ୀ ପ୍ରଦାନ କରାଯାଇଥିଲା। ଏଥିସହ ଯବାନମାନଙ୍କ ସହ ସାଧାରଣ ଲୋକେ ଉତ୍ତମ ସମ୍ପର୍କ ରଖି ସହଯୋଗ କରିବା ପାଇଁ ମୁଖ୍ୟଅତିଥି ସିଆରପିଏଫର ସେକେଣ୍ଡ କମାଣ୍ଡ ଫ୍ରାନସିସ ତିର୍କୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ହନୁମନ୍ତପୁର ସରପଞ୍ଚ ନୀଳମାଇ ଦିବାକା, ନାଏବ ସରପଞ୍ଚ ବଳିଆର ଯୋଗଦେଇ ଲୋକଙ୍କୁ ପୁଲିସ ସହ ଉତ୍ତମ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଜନସମ୍ପର୍କ ଶିବିରକୁ ସହାୟକ କମାଣ୍ଡର ପ୍ରଭାତ କୁମାର ବେହେରା ପରିଚାଳନା କରିଥିବାବେଳେ ଏହାକୁ ନିରୀକ୍ଷକ ପ୍ରଭାକର ପଟ୍ଟନାୟକ ଓ ସିଆରପିଏଫ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

ବିଏସ୍‌କେୱାଇ ନବୀନ କାର୍ଡ ବିତରଣ କାର୍ଯ୍ୟକ୍ରମ

# ‘ଆର୍ଥିକ ଅଭାବରୁ ଜଣେ ମଧ୍ୟ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ’








**ନନ୍ଦପୁର,୬।୩(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ବିଏସକେୱାଇ ନବୀନ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ବ୍ଲକ୍ ନନ୍ଦପୁର ଓ ଲମତାପୁଟ ବ୍ଲକର ମୋଟ ୧୩୩ ଜଣଙ୍କୁ ବିଏସକେୱାଇ ନବୀନ କାର୍ଡ ଏଥିରେ ବିତରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାର ୪ କୋଟି ଓଡ଼ିଆଙ୍କ ପାଇଁ ନିରାପତ୍ତା ରକ୍ଷା ପାଇଁ ଚିନ୍ତା କରି ଆର୍ଥିକ ଅଭାବରୁ ଜଣେ ମଧ୍ୟ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ବୋଲି ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡ ବ୍ୟବସ୍ଥା କରିଛନ୍ତି। ତେବେ ଓଡ଼ିଶାର ସ୍ୱାସ୍ଥ୍ୟବୀମାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଅନୁଷ୍ଠିତ ନବୀନ ସ୍ୱାସ୍ଥ୍ୟ କାର୍ଡ ବିତରଣ ଉତ୍ସବରେ ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ପୌରୋହିତ୍ୟ କରିଥିବାବେଳେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବୀମା କାର୍ଡ ବିତରଣ ଉତ୍ସବରେ ଲମତାପୁଟ ବ୍ଲକ୍ ବିଡିଓ ଜୟନ୍ତ କୁମାର ମେହେର, ଏସଡିସି ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ୍, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ଯୁବ ନେତା ପ୍ରଭାତ ଗୁରୁ ମାଇ, ସେକ୍ ନୁର, ସାମାଜିକ କର୍ମୀ ମୁନା ଦଳପତି ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ବିଏସକେୱାଇ ନବୀନ କାର୍ଡ ଚିକିତ୍ସା ପାଇଁ ବଡ଼ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ନନ୍ଦପୁର ଯୋଗାଣ ନିରୀକ୍ଷକ ଜନସନ୍ ବୁରୁ ଆୟୋଜନ କରୁଥିବାବେଳେ ଓଡ଼ିଶା ଜୀବିକା ମିଶନ ବିପିଏମ୍ ବିଚିତ୍ର କୁମାର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଶିଖାରାଣୀ ପାଣିଗ୍ରାହୀ, ସୁପ୍ରିୟା ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ମଞ୍ଚରେ ବିଜେପି ଯୁବ ନେତା ଜୟରାମ ପୂଜାରୀ ଯୋଗଦେଇ ନବୀନ ସ୍ୱାସ୍ଥ୍ୟ କାର୍ଡ ଗରିବଙ୍କ ବରଦାନ ବୋଲି କହିବା ସହ ଉଚ୍ଚପ୍ରଶଂସା କରିଛନ୍ତି।

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସଦରମହକୁମା ସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧୀନ ୧୨ଟି ପଞ୍ଚାୟତରୁ ୧୯୯ ଜଣ ହିତାଧିକାରୀ ଆବେଦନ କରିଥିବାବେଳେ ୧୫୨ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ସେଥିରୁ ୧୨୫ ଜଣ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଶୋୟୀ, ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡା. ସୁଭାଶିଷ ସାହୁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାଞ୍ଜଳି ସାମଲ, ବିପିଏମ୍ ପୀତବାସ ଗାହାଣ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଜୁନାପାଣି ସରପଞ୍ଚ ଦୟାନିଧି ଭତରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ● ବିଜେପି ଯୁବ ନେତା ମଧ୍ୟ ଯୋଜନାକୁ କଲେ ପ୍ରଶଂସା

**ରାମନାଗୁଡ଼ା :** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଏସକେଓ୍ୱାଇ-ନବୀନ କାର୍ଡ ପ୍ରଦାନ କରାଯାଇଛି। ଏଥିରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର, ବିଜେଡି ଜିଲ୍ଲା ସମ୍ପାଦକ ଗଗନ ଆଚାର୍ଯ୍ୟ, ବିଜୁ ଛାତ୍ର ଜନତା ଦଳର ସଭାପତି ପିଙ୍କୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୯୦ ଜଣ ହିତାଧିକାରୀଙ୍କୁ ବିଏସକେଓ୍ୱାଇ- ନବୀନ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ଅଜିତ ପଣ୍ଡା, ବିପିସି ସନ୍ତୋଷ ରତ୍ନାଲୁ, ବିପିଏ ଉମାଶଙ୍କର ପାଲକା, ବିଏସଏସ ଦିବ୍ୟଜିତ ଉଲ୍ଲାକା, ଥୋମାସ ତାଣ୍ଡାସି, ବିପିସି ଅନୁରାଧା ଶବର ପ୍ରମୁଖ ଉପସ୍ଥିତ ଥିଲେ।



**ବୋରିଗୁମ୍ମା :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ବିଏସକେୱାଇ ନବୀନ କାର୍ଡ ବିତରଣର ଶୁଭାରମ୍ଭ ହୋଇଛି। କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସରକାରଙ୍କ ନୂତନ ଯୋଜନା ଅନୁଯାୟୀ, ୪୫୮ ଜଣଙ୍କୁ ନୂଆ ବିଏସକେୱାଇ ନବୀନ କାର୍ଡ ସଫଳତା ସହ ବିତରଣ କରାଯାଇଛି। ପୂର୍ବରୁ ଯେଉଁମାନେ ବିଏସକେୱାଇ କାର୍ଡ ପାଇବାରୁ ବଞ୍ଚିତ ଥିଲେ ସେମାନଙ୍କ ପାଇଁ ରାଜ୍ୟ ସରକାର ନୂତନ ଯୋଜନା ପ୍ରଣୟନ କରି ବୋରିଗୁମ୍ମା ବ୍ଲକରେ ୪୫୮ ଜଣଙ୍କୁ ନୂତନ କାର୍ଡ ଯୋଗାଇଥିବାରୁ ଏବଂ ପ୍ରତ୍ୟେକ ପରିବାର ପାଇଁ ସଞ୍ଜୀବନୀ ସାଜିଥିବା ବିଏସକେୱାଇ ପାଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡ଼ିକା, ବିଧାୟକ ପ୍ରତିନିଧି ନରେନ୍ଦ୍ର ବିଷୋୟୀ, ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ବିରିକା, ବ୍ଲକ୍ ଏବିଡିଓ ମାଧୁରୀ ଆଚାରୀ, ଏଇ ସତ୍ୟନାରାୟଣ ସେଠୀ, ଏମ୍‌ଆଇ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଉମରକୋଟ :** ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏସକେୱାଇ ସ୍ମାର୍ଟ ନବୀନ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ସଭାଗୃହ ପରିସରରେ ବିଏସକେୱାଇ ସ୍ମାର୍ଟ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୩୧୮ ଜଣ ହିତାଧିକାରୀଙ୍କୁ ବିଏସକେୱାଇ ସ୍ମାର୍ଟ ନବୀନ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିପିଇଓ ପୁନିତରାମ ଗଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି, ଉମରକୋଟ ବ୍ଲକ୍ ଅଧ୍ୟକ୍ଷା ଶୁଶିଳା ମାଝୀ, ପୌର ଅଧ୍ୟକ୍ଷା ରାଧା ଭତ୍ରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତିରଞ୍ଜନ ରଥ ଉପସ୍ଥିତ ଥିଲେ। ଏହାର ଶୁଭାରମ୍ଭ ପରେ ଉମରକୋଟ ବ୍ଲକଠାରେ ପ୍ରଥମେ ବିତରଣ କରାଯାଇଛି। କିଛି ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବିତରଣ କରିଛନ୍ତି ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି। ଏହି କାର୍ଯ୍ୟକ୍ରମରେ ୨୪ଟି ପଞ୍ଚାୟତର ସମସ୍ତ ସମିତିସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ।

**କୁନ୍ଦୁରା :** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ଅଧ୍ୟକ୍ଷତାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ବିତରଣର ଶୁଭାରମ୍ଭ କରାଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଏବିଡିଓ ରାମ ପ୍ରସାଦ ଦୋରା, ସାଂସଦ ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ବିଧାୟକ ପ୍ରତିନିଧି ରମାକାନ୍ତ ମିଶ୍ର, ଯୋଗାଣ ନିରୀକ୍ଷକ ମୁରଲିଧର ହେସା ଏବଂ ମିଶନ ଶକ୍ତି ସଂଯୋଜିକା ମାଣିକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଡ ଏକ ସଞ୍ଜୀବନୀ ଭଳି କାର୍ଯ୍ୟ କରିବା ସହ ଗରିବ ଲୋକଙ୍କୁ ବିପଦରୁ ଉଦ୍ଧାର କରିପାରିବ ବୋଲି ବିଜେଡି ନେତ୍ରୀ କନକଲତା ପେଣ୍ଟିଆ କହିଛନ୍ତି। ଗତ ଦିନରେ ଗ୍ରାମାଞ୍ଚଳମାନଙ୍କରେ ରହୁଥିବା ଲୋକ ଅନେକ ପ୍ରକାରର ରୋଗରେ ପୀଡ଼ିତ ହୋଇ ନିଜର ସୁନା ଗହଣାଠାରୁ ଆରମ୍ଭ କରି ଜମି ବାଡ଼ି ବିକ୍ରି କରୁଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଗରିବ ହିତାଧିକାରୀମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଅନେକ ଦୁଃସାଧ୍ୟ ରୋଗର ଚିକିତ୍ସା ନିମନ୍ତେ ଏହି କାର୍ଡ ଏକ ସଞ୍ଜୀବନୀ ସଦୃଶ୍ୟ ହୋଇଛି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା କହିଛନ୍ତି। ସେହିପରି ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ଉଚ୍ଚତର ଚିକିତ୍ସା ସୁବିଧା ବିନା ଖର୍ଚ୍ଚରେ ଉପଲବ୍ଧ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କହିଥିଲେ। ଏହି ଯୋଜନା ଅଧୀନରେ କୁନ୍ଦୁରା ବ୍ଲକର ୧୬ଟି ଗ୍ରାମ ପଞ୍ଚାୟତରେ ରହିଥିବା ୩୨୮ ଜଣ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ଯୋଗାଣ ନିରୀକ୍ଷକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ସହାୟକ ଗୀତାଞ୍ଜଳି ମିଶ୍ର, ରଶ୍ମି ତ୍ରିପାଠୀ, ମମତା ନାୟକ, ସୀତାରାମ ହରିଜନ, ପ୍ରତାପ କଣ୍ଡାପାନ, ନେତ୍ରାନନ୍ଦ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବିଡିଓ ପ୍ରଭାତୀ ଝଡ଼ିଆଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୯ଟି ପଞ୍ଚାୟତରେ ୨୨୩ ଜଣ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରି କାର୍ଡ ବିତରଣ କରାଯାଇଛି। ଏହି କାର୍ଡଧାରୀମାନଙ୍କ ପରିବାରର କୌଣସି ବ୍ୟକ୍ତି ରୋଗାଗ୍ରସ୍ତ ହେଲେ ଚିକିତ୍ସା ପାଇଁ ଅର୍ଥର ଅଭାବ ରହିବ ନାହିଁ। ମହିଳାମାନଙ୍କୁ ୧୦ ଲକ୍ଷ ଓ ପୁରୁଷମାନଙ୍କୁ ୭ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ରାଶି ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯିବ। ପୂର୍ବରୁ କାର୍ଡ ପାଇ ନ ଥିବା ଏହି ବ୍ୟକ୍ତିମାନେ ଦ୍ୱିତୀୟ ପର୍ଯ୍ୟାୟରେ କାର୍ଡ ପାଇଥିବାରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରି ପଡ଼ିଆମି, ଜିଲ୍ଲା ପରିଷଦ ସଦସ୍ୟ ମୁକା ମାଡ଼କାମି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କ ଏହି କାର୍ଡ ସମ୍ବନ୍ଧରେ ହିତାଧିକାରୀଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ମହାରଣା ପରିଚାଳନା କରିଥିବାବେଳେ ବ୍ଲକ ୧୯ଟି ପଞ୍ଚାୟତର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

# ‘ନୂଆ-ଓ’ ଛାତ୍ରବୃତ୍ତି ଅନୁଦାନପତ୍ର ବିତରଣ କାର୍ଯ୍ୟକ୍ରମ



**ଗୁଣୁପୁର,୬।୩(ସମିସ):** ଗୁଣପୁର ମହାବିଦ୍ୟାଳୟରେରେ ‘ନୂଆ-ଓ’ ଛାତ୍ରବୃତ୍ତି ଅନୁଦାନ ପତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଅନୁଦାନ ଅର୍ଥ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଲାଭ ନିମନ୍ତେ ସହାୟକ ହେବ ବୋଲି ମତ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଅନୁଷ୍ଠାନର ସାମୂହିକ ବିକାଶ ସହ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଲାଭ କରିବାପାଇଁ ଅର୍ଥ ଆଉ ବାଧକ ହେବ ନାହିଁ ବୋଲି ମତ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ ଛାତ୍ରବୃତ୍ତି ଟଙ୍କାରେ ପୁସ୍ତକ କିଣିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଡ. ଜବାହରଲାଲ ଚୌଧୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିବା ସହ ଅନୁଷ୍ଠାନର ୧୧୭୮ ଜଣ ଛାତ୍ରଛାତ୍ରୀ ଏହି ‘ନୂଆ-ଓ’ ଛାତ୍ରବୃତ୍ତି ପାଇବେ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଜୁ ଯୁବ ଜନତା ଦଳର ଉପସଭାପତି ବିଷ୍ଣୁପ୍ରସାଦ ପଣ୍ଡା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ‘ନୂଆ-ଓ’ ଛାତ୍ରବୃତ୍ତିର ନୋଡାଲ ଅଫିସର ଡ. ସତ୍ୟବାନ ଗରଡ଼ା ମଧ୍ୟ ଉପସ୍ଥିତ ଥିଲେ। ଛାତ୍ରବୃତ୍ତି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଅନୁଦାନ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଜଗନ୍ନାଥ ଦୀପ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମଞ୍ଚାସୀନ ଅତିଥିମାନେ ସରକାରଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରିୟଙ୍କା ରଥ ଏହି ଅର୍ଥ ଉଚ୍ଚଶିକ୍ଷା ଲାଭ କରିବାପାଇଁ କେମିତି ସହାୟକ ହେବ ତାହା ପ୍ରକାଶ କରିବାସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ଏନସିସି ଛାତ୍ରମାନେ ସଭା କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାପାଇଁ ସହଯୋଗ କରିଥିଲେ। ପ୍ରାଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

■ ବିଇଓଙ୍କ ନାଁରେ ଅଭିଯୋଗ ଆଣିଲେ ନିଖିଳ ଉତ୍କଳ ଶିକ୍ଷକ ସଂଘର ବ୍ଲକ୍ ସଭାପତି

# ମାସ ତମାମ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ

**ମାଥିଲି,୬।୩(ସମିସ)** ଉପାନ୍ତ ଅଞ୍ଚଳରେ ଶିକ୍ଷାର ଉନ୍ନତି ସହିତ ଆଦିବାସୀ ଛାତ୍ରଛାତ୍ରୀମାନେ କିପରି ଶିକ୍ଷାର ଉନ୍ନତି ହେବ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଉପାନ୍ତ ମାଲକାନଗିରି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମାଥିଲି ବ୍ଲକର ଶିକ୍ଷାର ଉନ୍ନତି ପାଇଁ ପ୍ରଶାସନ ତରଫରୁ ଅଧିକାରୀମାନଙ୍କୁ ନିୟୋଜିତ କରିଛନ୍ତି। କିନ୍ତୁ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ କୁମାର ବିଶ୍ୱାସ ମାସ ତମାମ କାର୍ଯ୍ୟାଳୟକୁ ଆସୁ ନ ଥିବାବେଳେ ବ୍ଲକର ଶିକ୍ଷକମାନଙ୍କ କାଗଜପତ୍ରଠାରୁ ଆରମ୍ଭ କରି ସମସ୍ତ ପ୍ରକାର କାର୍ଯ୍ୟ ବନ୍ଦ ପଡ଼ିଥିବା ଅଭିଯୋଗ କରିଛନ୍ତି ନିଖିଳ ଉତ୍କଳ ଶିକ୍ଷକ ସଂଘର ସଭାପତି ଜୟରାମ ଭୂମିଆ। ଏମିତିକି ସାମ୍ବାଦିକମାନଙ୍କ ପତ୍ରିକା ପଇସା ବକେୟା ରହିଥିବାବେଳେ ସମ୍ପୃକ୍ତ ଅଧିକାରୀ ଜଣକ କାର୍ଯ୍ୟାଳୟକୁ ଆସୁ ନାହାନ୍ତି କିମ୍ବା କାହାକୁ ଦାୟିତ୍ୱ ମଧ୍ୟ ହସ୍ତାନ୍ତର କରୁନାହାଁନ୍ତି। ଯାହାଫଳରେ ବ୍ଲକର ସମସ୍ତ ଶିକ୍ଷକ ଓ ସାମ୍ବାଦିକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଲେ ମଧ୍ୟ ସେ କାହାରି ଫୋନ ଗ୍ରହଣ କରୁନାହାନ୍ତି। ଏପରି ଶିକ୍ଷା ଅଧିକାରୀ ରହିଲେ କିପରି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ହେବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏହିପରି ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଖିଳ ଉତ୍କଳ ଶିକ୍ଷକ ସଂଘର ବ୍ଲକ ସଭାପତି ଜୟରାମ ଭୂମିଆ ଓ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

# ବିଜେଡିରେ ଯୋଗଦେଲେ ଶତାଧିକ କଂଗ୍ରେସ କର୍ମୀ



**ରାୟଗଡ଼ା,୬।୩(ସମିସ):** ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାୟଗଡ଼ା ବିଜୁ ଜନତା ଦଳର ସାଂଗଠନିକ ସ୍ଥିତି ଆହୁରି ମଜଭୁତ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ସୁଶାସନ ଏବଂ ବଳିଷ୍ଠ ନେତୃତ୍ୱ ସହ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବେ ବିଭିନ୍ନ ରାଜନୈତିକ ଦଳର ଅନେକ ଛାମୁଆ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏହି କ୍ରମରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଡଙ୍ଗାସିଲ ଜୋନ୍ ଅନ୍ତର୍ଗତ ହାଡ଼ିଗୁଡ଼ା ଗ୍ରାମର ଶତାଧିକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେଡି ଉପସଭାପତି ଏନ୍.ଭାସ୍କର ରାଓଙ୍କ ବାସଭବନରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବରେ ଶ୍ରୀ ରାଓ ନୂତନ କର୍ମୀମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ଦେଇ ଜୟଯୁକ୍ତ କରିବା ସହ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ହାଡ଼ିଗୁଡ଼ା ଗ୍ରାମ ପଞ୍ଚାୟତର କଂଗ୍ରେସ ସଭାପତି ତଥା ନେତା କିଶୋର ନାୟକଙ୍କ ସମେତ ପୂର୍ବତନ ସରପଞ୍ଚ କବିରାଜ ମାଝି, ୱାର୍ଡ ସଭ୍ୟ ହିରଣ୍ୟ ନାୟକ, ନକୁଳ ମାଝିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କାଶୀପୁର ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝି, ସମିତିସଭ୍ୟ ପ୍ରତାପ ମାଝି, ବିଜୁ ଯୁବ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ହରପ୍ରସାଦ ନାୟକ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ବାରିଭଟ୍ଟା ଗାଁ

**ରାୟଗଡ଼ା,୬।୩(ସମିସ):** ମୌଳିକ ସୁବିଧାରୁ ବଞ୍ଚିତ ବାରିଭଟ୍ଟା ଗ୍ରାମବାସୀ। ବିଦ୍ୟୁତ ସେବା ଏବଂ ରାସ୍ତା ନ ଥିବା ଭଳି ମୌଳିକ ସୁବିଧା ମିଳୁ ନ ଥିବାରୁ ଆଜି ବି ଏଠାକାର ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ବିଜୁଳି ସେବା ନ ଥିବାରୁ ସୂର୍ଯ୍ୟାସ୍ତ ପରେ ଗାଁରେ ତାଟିକବାଟ ପଡ଼ିଯାଏ। ବିଦ୍ୟୁତ ସେବା ନ ଥିବାରୁ ପିଲାମାନେ ରାତିରେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏପରିକି ଲୋକେ ଡିବିରି ଜାଳିବା ପାଇଁ କିରୋସିନି ମଧ୍ୟ ପାଇପାରୁନାହାନ୍ତି। ଯାହାଫଳରେ ଲୋକେ ଗାଁର ଗୋଟିଏ ସ୍ଥାନରେ କାଠ ଜାଳି ଆଲୋକ କରିଥାନ୍ତି। ବାରମ୍ବାର

▶ ବିଦ୍ୟୁତ୍ ସେବା ନାହିଁ, ଅନ୍ଧାରରେ ଗ୍ରାମବାସୀ
▶ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଅନ୍ଧକାରରେ ଲୁଚି ଯାଉଛି ବାରିଭଟ୍ଟା ଗାଁ। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସିଙ୍ଗାରି ପଞ୍ଚାୟତରେ ରହିଛି ବାରିଭଟ୍ଟା ଗ୍ରାମ। ଏହି ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ଆଜି ବି ଏହି ଗ୍ରାମକୁ ପକ୍କା ରାସ୍ତା, ପାନୀୟ ଜଳର, ସ୍ୱାସ୍ଥ୍ୟସେବା ଏବଂ ବିଜୁଳି ସେବାରୁ ବଞ୍ଚିତ ରହିଛନ୍ତି ଗ୍ରାମବାସୀ। ସନ୍ଧ୍ୟା ହେଲେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରୁଥିଲେ ମଧ୍ୟ କେହି ଶୁଣୁନଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ନୂତନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଦାୟିତ୍ୱ ନେବା ପରେ ଗ୍ରାମବାସୀମାନେ ଆଶା ଭରସା ନେଇ ରାୟଗଡ଼ାରେ ପହଞ୍ଚି ନିଜର ଦୁଃଖ ବଖାଣିଛନ୍ତି। ଗାଁକୁ ରାସ୍ତା ନ ଥିବାରୁ ବର୍ଷା ଦିନେ କିପରି ହନ୍ତସନ୍ତ ହୁଅନ୍ତି ସେନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ଅତ୍ୟଧିକ ରହିଥିବା ମଧ୍ୟ କହିଥିଲେ। ସେହିପରି ଗାଁକୁ ରାସ୍ତା ନ ଥିବାରୁ ଯାତାୟାତ କରିବାରେ ଗାଁ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଖରଯୋଡ଼ାଠାରୁ ବାରିଭଟ୍ଟା ପର୍ଯ୍ୟନ୍ତ ରାସ୍ତା ସଂଯୋଗ ପାଇଁ ଅନୁରୋଧ କରିଥିଲେ। ଫଳରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇବାରେ ଗାଁ ଲୋକେ ଉପକୃତ ହୋଇପାରିବେ ବୋଲି ଗ୍ରାମର କୁନାକା ସନ୍ଦେରା, ଡମେ ସାରକା, କରସିକା ଲକିଆ ଓ କରସିକା ସାନମାଝି ପ୍ରମୁଖ ପ୍ରକାଶ କରିଛନ୍ତି। ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଜିଲ୍ଲାପାଳ ଅବଗତ ହେବା ପରେ ଯଥାଶୀଘ୍ର ବିଭାଗୀୟ ଅଧିକାରୀଙ୍କୁ ବାରିଭଟ୍ଟା ଗାଁରେ ଥିବା ମୌଳିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଘର ଆଗରେ ଖୋଲାମେଲା ଟ୍ରାନ୍ସଫର୍ମର; ବିପଦରେ ପରିବାର

## ହଟାଇବାକୁ କହି କହି ନୟାନ୍ତ ହେଲେଣି ଘର ମାଲିକ; ବିଭାଗ ଦେଉଛି ଖାଲି ପ୍ରତିଶ୍ରୁତି

**ରାୟଗଡ଼ା,୬।୩(ସମିସ)**

ମାସେ ନୁହେଁ କି ଦୁଇମାସ ନୁହଁ। ଗତ ୩ବର୍ଷ ହେଲା ଘର ଦାଣ୍ଡରେ ଅବସ୍ଥାପିତ କରାଯାଇଛି ରାୟଗଡ଼ା ଟାଟା ପାୱାର ବିଦ୍ୟୁତ ବିଭାଗର ଟ୍ରାନ୍ସଫର୍ମର। ଯାହାକୁ ନେଇ ବିପଦସଙ୍କୁଳ ଅବସ୍ଥାରେ ଗୋଟିଏ ପରିବାର ରହିଥିବାବେଳେ ଘରବାରି ପଛା ଜାଗାରେ ଅବସ୍ଥାପିତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ହଟାଇବାକୁ କହିକହି ନୟାନ୍ତ ହେଲେଣି ଘର ମାଲିକ। ତଥାପି ବିଦ୍ୟୁତ୍ ବିଭାଗୀୟ କେବଳ ପ୍ରତିଶ୍ରୁତି ଦେଇ ଚାଲିଥିବା ଘର ମାଲିକ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ନୂତନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ନିଜ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି କାଶୀପୁର ବ୍ଲକ ଅଣ୍ଡିରାକଞ୍ଚ ଥାନା ଅନ୍ତର୍ଗତ



ପାଇକକୁପାଖାଲ ଗ୍ରାମର ଅଭିମନ୍ୟୁ ବାଗ। ସୂଚନାନୁଯାୟୀ, ଅଭିମନ୍ୟୁଙ୍କ ଘରବାରି ପଛାରେ ଏକ ଗୃହ ନିର୍ମାଣ ହୋଇଛି। ତେବେ ସେହି ଘର ସମ୍ମୁଖରେ ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଟ୍ରାନ୍ସଫର୍ମର ଅବସ୍ଥାପିତ କରାଯାଇଛି। ଯାହାକୁ ନେଇ ଅଭିମନ୍ୟୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ନିଜ ଘର ଦାଣ୍ଡରୁ ଏହାକୁ ହଟାଇବା ପାଇଁ ଅନୁରୋଧ କରିବା ସହ ଲିଖିତ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିମନ୍ୟୁଙ୍କ ପରିବାର ସଦସ୍ୟଙ୍କ ପ୍ରତି ଖୋଲାମେଲା ଟ୍ରାନ୍ସଫର୍ମର ଯୋଗୁଁ ବିପଦ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ମହାଜନ୍ ଘଟଣା ସମ୍ପର୍କରେ ଅବଗତ ହୋଇ ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୫ ତାରିଖ ସୁଦ୍ଧା ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପୁଣି ଥରେ ପ୍ରତିଶ୍ରୁତି ଦେଇଥିବା ଅଭିମନ୍ୟୁ ପ୍ରକାଶ କରିଛନ୍ତି।

# କେନ୍ଦ୍ର ସାହିତ୍ୟ ଏକାଡେମୀର ଗ୍ରାମାଲୋକ କାର୍ଯ୍ୟକ୍ରମ



**କୋରାପୁଟ,୬।୩(ସମିସ):** ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ନିକଟସ୍ଥ କେ.ନୂଆଗୁଡ଼ାର ବ୍ରାଉନ ଭ୍ୟାଲି କଫି ବଗିଚାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ କୋରାପୁଟ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ଏକ ମନୋଜ୍ଞ ସାହିତ୍ୟ ଆସର 'ଗ୍ରାମାଲୋକ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବହୁ ବିଶିଷ୍ଟ ଗାଳ୍ପିକ, କବି, ଲେଖକ ଓ ସମାଲୋଚକ ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପପାଠ କରିଥିଲେ। ବିଶିଷ୍ଟ ଗାଳ୍ପିକ ପ୍ରଫେସର ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧୀବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ସଦସ୍ୟା ଡ.ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। କବି ରବି ଶତପଥି, ବିଜୟ କୁମାର ପ୍ରଧାନ, ଚକ୍ରପାଣି ପରିଚ୍ଛା, ମାଧୁରୀ ପଣ୍ଡା, ସିଏଚ୍. ସାନ୍ତାକାର ପ୍ରମୁଖ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ଅଧୀବେଶନରେ ନଳିନୀରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିକ ସମାରୋହରେ ବିଶିଷ୍ଟ ସର୍ବୋଦୟ ନେତା କୃଷ୍ଣ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧୀବେଶନରେ ଉଦୟଶଙ୍କର ଯାନୀ, ରଘୁନାଥ ବିଶ୍ୱାଳ, ଝାନ୍ସୀ ସିଂହ, ଅଜୟ କୁମାର ସାହୁ, ଡା.ଦେବୀପ୍ରସାଦ ଭଦ୍ର ଏବଂ ସ୍ନିଗ୍ଧାରାଣୀ ମିଶ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ତିମ ଅଧୀବେଶନରେ ଡ.ପ୍ରଦୀପ କୁମାର ମିଶ୍ର, ଡ. କମଳାକୃଷ୍ଣ ତ୍ରିପାଠୀ, ଡ. ଧୀରବ୍ରତ ପାତ୍ର, ପ୍ରଶାନ୍ତ କୁମାର ସ୍ୱାଇଁ, ଯଶୋବନ୍ତ ସେଠୀ, ଜଳଧର ସ୍ୱାଇଁ, ପ୍ରଭାତ କୁମାର ମହାପାତ୍ର, ଡ. ଅମରେଶ ସେନାପତି, ସରୋଜିନୀ ତ୍ରିପାଠୀ, ଡ. ଅଶୋକ କୁମାର ମହାନ୍ତି, ସୁଶାନ୍ତ ଦାଶ, ମୀର୍ ମୁସ୍ତାକୀମ୍ ଅଲ୍ଲୀ, ଅରୁଣ କୁମାର ସାହୁ, କମଳା ନାୟକ, ଡ. ସ୍ୱାତୀ ଚାଟାର୍ଜୀ, ଡ. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ବିଷମକଟକ,୬।୩(ସମିସ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅଧ୍ୟକ୍ଷ ଭାବେ ଶରତ ଚନ୍ଦ୍ର ସେଠ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ଶ୍ରୀ ସେଠ୍ ଦେବଗଡ଼ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବରିଷ୍ଠ ପ୍ରଶିକ୍ଷଣ ଭାବେ ଥିଲେ। ବର୍ତ୍ତମାନ ତାଙ୍କ ପଦୋନ୍ନତି ହେବା ପରେ ସେ ବିଷମକଟକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଜଗନ୍ନାଥ ମେହେର, ସୁଜାତା ବାଗ ଓ ଲିଲିମା ଖଡ଼ିଆଙ୍କ ଉପସ୍ଥିତିରେ ମିଳିତ ଭାବରେ ଛାତ୍ରଛାତ୍ରୀ ସହିତ ପ୍ରତିଷ୍ଠାନର ବିଭିନ୍ନ କର୍ମଚାରୀ ନୂତନ ଅଧ୍ୟକ୍ଷ ଶ୍ରୀ ସେଠଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅଧ୍ୟକ୍ଷ ଭାବେ ଯୋଗଦାନ ପରେ ପ୍ରତିଷ୍ଠାନର ପ୍ରୟୋଗଶାଳୀ ବିଷମକଟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଶିକ୍ଷାଦାନ ପ୍ରଣାଳୀ ପର୍ଯ୍ୟବେକ୍ଷଣ କରିଥିଲେ। ପ୍ରତିଷ୍ଠାନର ପାଞ୍ଚଟି ବିଭାଗ ତଥା ପ୍ରାକ୍ ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷକ ବୃତ୍ତିଗତ ବିକାଶ, ଏଜୁକେସନ ଟେକ୍ନୋଲେଜି, ମ୍ୟାଟେରିଆଲ ଡେଭଲପମେଣ୍ଟ କ୍ଷେତ୍ରରେ ପରିଭ୍ରମଣ, କ୍ରିୟାତ୍ମକ ଗବେଷଣା, ମୂଲ୍ୟାୟନ ଓ ମାନ ନିର୍ଦ୍ଧାରଣକୁ ଅଧିକ ସକ୍ରିୟ କରି ଜିଲ୍ଲାର ୧୧ଟି ବ୍ଲକରେ ଗୁଣାତ୍ମକ ଶିକ୍ଷା ବୃଦ୍ଧି ନିମନ୍ତେ ବିଶେଷ ଗୁରୁତ୍ୱ ଦେବେ ବୋଲି ଅଧ୍ୟକ୍ଷ ଶ୍ରୀ ସେଠ୍ ସୂଚନା ଦେଇଛନ୍ତି।

● ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ

# ଭୁବନେଶ୍ୱରରେ ଦିବ୍ୟାଙ୍ଗଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା ଦାବି

**ରାୟଗଡ଼ା,୬।୩(ସମିସ)**

ରାଜଧାନୀ ଭୁବନେଶ୍ୱରଠାରେ ଭିନ୍ନକ୍ଷମ ଭାଇଭଉଣୀମାନଙ୍କ ନିମନ୍ତେ ସୁଗମ ପାନ୍ଥନିବାସ, ଯାତ୍ରୀ ବିଶ୍ରାମଗାର ଓ ଭିନ୍ନକ୍ଷମ ଆଶ୍ରୟସ୍ଥଳୀର ବ୍ୟବସ୍ଥା ନିମନ୍ତେ ଦାବି କରିଛନ୍ତି ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ସମ୍ପାଦକ ଜଳନ୍ଧର ବାଚେଲି। ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲା ତଥା ରାଜ୍ୟର ଅନ୍ୟ ଜିଲ୍ଲାରେ ବସବାସ କରୁଥିବା ହଜାରହଜାର ଦିବ୍ୟାଙ୍ଗ ଭାଇଭଉଣୀମାନେ ଅନେକାଂଶ ସମୟରେ ରାଜଧାନୀରେ ନିଜର ବ୍ୟକ୍ତିଗତ, ସ୍ୱାସ୍ଥ୍ୟଗତ ତଥା ସରକାରୀ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। କିନ୍ତୁ ଦିନକ ମଧ୍ୟରେ କାମ ସାରି ପୁଣି ଫେରିବା ସମ୍ଭବପର ହୋଇପାରୁନାହିଁ। ଯେଉଁ ହୋଟେଲ, ଆଶ୍ରୟସ୍ଥଳୀ କିମ୍ବା ପାନ୍ଥନିବାସ ଇତ୍ୟାଦିରେ ରହିବା ପାଇଁ ଚାହୁଁଛନ୍ତି ସେଠାରେ ସୁଗମତାର ଅଭାବ ଯୋଗୁଁ ଭିନ୍ନକ୍ଷମ ଭାଇଭଉଣୀମାନଙ୍କ ବିଭିନ୍ନ ପ୍ରକାରର ବାଧା ଉପୁଜୁଛି। କୌଣସି ହୋଟେଲରେ ସୁଗମତାର ସହ ଯିବା ଆସିବା



ପାଇଁ ବ୍ୟବସ୍ଥା ନ ଥିବା ତଥା ସୁଲଭ ଶୌଚାଳୟ ମଧ୍ୟ ନାହିଁ। ଯଦି ୨ କିମ୍ବା ୩ ମହଲାରେ ରହିଲେ ଲିଫ୍ଟ ତଥା ରାମ୍ପର ବ୍ୟବସ୍ଥା ମଧ୍ୟ ନାହିଁ। ଏଥିସହ ଏଭଳି ବ୍ୟୟବହୁଳ ହୋଟେଲଗୁଡ଼ିକରେ ରହିବା ସାଧାରଣ ଭିନ୍ନକ୍ଷମ ଭାଇଭଉଣୀଙ୍କ ପାଇଁ ବହୁତ କଷ୍ଟକର ହେବା ସହ ଅସମ୍ଭବ ହୋଇପଡୁଛି। ଓଡ଼ିଶା ବିକଳାଙ୍ଗ ମଞ୍ଚ ତରଫରୁ ଭୁବନେଶ୍ୱରର କୌଣସି ଏକ ସ୍ଥାନରେ ଏକ ସୁଗମ ପାନ୍ଥନିବାସ, ଯାତ୍ରୀ ବିଶ୍ରାମଗାର କିମ୍ବା ଭିନ୍ନକ୍ଷମ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଗଲେ ରାୟଗଡ଼ା ଜିଲ୍ଲା ସମେତ ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାର ଭିନ୍ନକ୍ଷମ ଭାଇଭଉଣୀମାନେ ଉପକୃତ ହୋଇପାରିବେ। ଏନେଇ ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ପାଦକ ଜଳନ୍ଧର ବାଚେଲି ଦାବି କରିବା ସହ ବିଗତ ଦିନରେ ରାୟଗଡ଼ା ଗସ୍ତରେ ଆସିଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ଆଶୋକ ପଣ୍ଡାଙ୍କୁ ସାକ୍ଷାତ କରି ମଞ୍ଚ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବିଷୟରେ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଏହି ଦାବି ଉପରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବାଚେଲି ପ୍ରକାଶ କରିଛନ୍ତି।

# ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ

**ମାଲକାନଗିରି,୬।୩(ସମିସ):** ନିର୍ବାଚନ ପାଖେଇ ଆସୁଥିବାବେଳେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀଙ୍କ ନେତୃତ୍ୱରେ ମାଲକାନଗିରି ନିର୍ବାଚନମଣ୍ଡଳୀରେ 'ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା' ଅନୁଷ୍ଠିତ ହୋଇଛି। ବୁଧବାର ମାଲକାନଗିରି ସଦର ବ୍ଲକ ପଦ୍ମଗିରି ଜିଲ୍ଲା ପରିଷଦ ଜୋନର ପେଡ଼ାକୋଣ୍ଡା, ଝରାପାଲ୍ଲୀ ଓ ସିନ୍ଦ୍ରିମାଳ ଗ୍ରାମ ପଞ୍ଚାୟତରେ ବ୍ଲକ୍ ସଭାପତି ହେମନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ଶ୍ରୀ ମାଡ଼କାମୀଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ମାଡ଼କାମୀ ନବୀନ ସରକାରଙ୍କ ବିକାଶର ବାର୍ତ୍ତା ଏବଂ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବିଜୟୀ କରାଇବା ସହ ଦଳକୁ ସୁଦୃଢ଼ କରିବା ପାଇଁ ଜନସାଧାରଣ ଓ ବିଜେଡିର ଉପସ୍ଥିତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କ ମନବଳ ବଢ଼ାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ନିର୍ବାଚନମଣ୍ଡଳୀ ସଂଯୋଜକ ଦଶରଥ ମହାନ୍ତ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅଜୟ ଦାସ, ବରିଷ୍ଠ ନେତା ଡ. କାମରାଜ କବାସୀ, ଘନଶ୍ୟାମ ମାଡ଼କାମୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା ଓ ସରପଞ୍ଚ ଘାସି ନାୟକ ପ୍ରମୁଖ। ତେବେ ଆଗକୁ ନିର୍ବାଚନ ଆସୁଥିବାରୁ ଦଳୀୟ କର୍ମୀ ତୃଆନ ମୂଳସ୍ତରରେ ଯାଇ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ନେତୃମଣ୍ଡଳୀ ମତ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସମସ୍ତ ୱାର୍ଡ କମିଟି, ବୁଥ କମିଟି ଓ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ବିଜୁ ମହିଳା କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଜନଅଭିଯୋଗ ଶୁଣାଣି

**ମାଲକାନଗିରି,୬।୩(ସମିସ):**

ମାଲକାନଗିରି ଜିଲ୍ଲା ଡିଆରଡିଏ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ପିଡି ଡିଆରଡିଏ ରତ୍ନାକର ସାହୁ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଫୁଲ୍ଲ କୁମାର ନନ୍ଦ ମଞ୍ଚାସୀନ ଥିବାବେଳେ ଅନେକ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କ ଓ ବିଭିନ୍ନ ସାମୂହିକ ସମସ୍ୟାର ଶୁଣାଣି କରାଯାଇଥିଲା। ସ୍ଥାନୀୟ ଲୋକେ ଉପସ୍ଥିତ ରହି ମୋଟ ୨୫ଟି ବିଭିନ୍ନ ସମସ୍ୟା ବିଷୟରେ ନିଜର ଅଭିଯୋଗ ପତ୍ର ଦେଇଥିବାବେଳେ ଉପସ୍ଥିତ ଅଧିକାରୀ ମାନେ ଏହାର ଶୁଣାଣି କରି ତ୍ୱରିତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ।

■ ମାସିକ ଭତ୍ତା ଓ ଆନୁଷଙ୍ଗିକ ସୁବିଧା ଯୋଗାଇବା ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାଡେ, ସିରା ଓ ଦିଶାରୀ ସଙ୍ଘ



**ମାଲକାନଗିରି,୬।୩(ସମିସ)**

ମାଲକାନଗିରି ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାବେଳେ ଜିଲ୍ଲାର ଅନେକ ଗାଁରେ ବହୁ ପୌରାଣିକ ମନ୍ଦିର ଓ ଆରାଧ୍ୟ ଦେବଦେବୀଙ୍କ ମନ୍ଦିର ରହିଛି। ତେବେ ଏହି ମନ୍ଦିର ତଥା ପୂଜାସ୍ଥଳୀଗୁଡ଼ିକରେ ୱାଡେ, ସିରା, ପୂଜାରୀ ଏବଂ ଦିଶାରୀମାନେ ପୂଜକ ଭାବେ ଦାୟିତ୍ୱ ତୁଲାଉଥିବାବେଳେ ଗାଁରେ ହେଉଥିବା ଯାନୀଯାତ୍ରାରେ ଏମାନେ ମୁଖ୍ୟ ଭୂମିକା ନିଭାଇଥାନ୍ତି। ଗ୍ରାମ ଜଙ୍ଗଲରୁ ମିଳୁଥିବା ଜଡ଼ିବୁଟି ଦ୍ୱାରା ବିଭିନ୍ନ ରୋଗର ଉପଚାର କରୁଥିବା ସହିତ ରୋଗୀଙ୍କ ଦେହ ଭଲ ହେବା ପାଇଁ ହୁଣ୍ଡି ଦେବତା ନିକଟରେ ପୂଜାର୍ଚ୍ଚନା ମଧ୍ୟ କରିଥାନ୍ତି। ବିଶେଷକରି ଜିଲ୍ଲାରେ ହେଉଥିବା ବଡ଼ ଯାତ୍ରାରେ ପୋଲେରୁଠାରୁ ମାଲକାନଗିରି ପର୍ଯ୍ୟନ୍ତ ମାସ ମାସ ଧରି ଏମାନେ ଅନେକ ଦୂର ଚାଲି ଚାଲି ଠାକୁରଙ୍କ ନୀତିକାନ୍ତି ପାଳନ କରି ଆସୁଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ବିଶେଷ କୌଣସି ପ୍ରକାର ସୁବିଧା ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ନାମକୁମାତ୍ର କିଛି ଚାଉଳ, ଡାଲି ଦେବା ଛଡ଼ା ଅନ୍ୟ କିଛି ସୁବିଧା ଦିଆଯାଉ ନ ଥିବାରୁ ଯାବତୀୟ ଅସୁବିଧା ହେଉଥିବା ଅଭିଯୋଗରେ ଆଜି ଏହି ୱାଡେ, ସିରା, ଦିଶାରୀ ସଙ୍ଘ ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଜିଲ୍ଲା ସଦର ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମର ଦେବସ୍ଥଳୀଗୁଡ଼ିକର ଅଧିକାର ପ୍ରଦାନ, ଦିଶାରୀମାନଙ୍କ ପାଇଁ ମାସିକ ଭତ୍ତା ଲାଗୁ କରିବା, ବିଭିନ୍ନ ଯାନୀଯାତ୍ରା ସମୟରେ ଏହି ପୂଜକମାନଙ୍କ ନିମନ୍ତେ ରହିବା ଓ ଅନ୍ୟ ବ୍ୟବସ୍ଥା କରିବା ଭଳି ଅନେକ ଦାବି ନେଇ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିବା ସହ ଦାବିପତ୍ର ପ୍ରଦାନ କରିଛି ଏହି ସଂଘ। ଆଗାମୀ ଦିନରେ ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ନିଷ୍ପତ୍ତି ନିଆଯିବ ବୋଲି ସଙ୍ଘ ପକ୍ଷରୁ ପ୍ରକାଶ କରାଯାଇଛି।

# 'ନୂଆ-ଓ' ଛାତ୍ରବୃତ୍ତି ପ୍ରମାଣପତ୍ର ବିତରଣ ଉତ୍ସବ

**ସୁନାବେଡ଼ା,୬।୩(ସମିସ)**

ମଙ୍ଗଳବାର ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟଠାରେ 'ନୂଆ-ଓ' ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଚ ଶିକ୍ଷାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ବିତରଣ କରାଯାଇଛି। ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ୬୩୭ ଜଣ ଛାତ୍ରୀ ଏଥିରେ ଉପକୃତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସେମିଳିଗୁଡ଼ା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରୀ ଯୋଗଦେଇ ଛାତ୍ରୀମାନଙ୍କୁ 'ନୂଆ-ଓ' କାର୍ଯ୍ୟକ୍ରମ ତଥା ଛାତ୍ରବୃତ୍ତି ପ୍ରଦାନ ଯୋଗୁଁ 'ଶିକ୍ଷାରେ ଅର୍ଥ ସାଜିବନି ବାଧକ ନୂଆ ଛାତ୍ରବୃତ୍ତି ହେବ ସହାୟକ' ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ଉଷାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶେଖ ଇବ୍ରାହିମ ସମ୍ମାନିତ ଅତିଥି ଭାବେ ଯୋଗେଦଇ ଛାତ୍ରୀମାନେ ଭଲ ପାଠପଢ଼ି ସମୃଦ୍ଧ ଓଡ଼ିଶା ଗଠନ କରିବାର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଅନୁରୋଧ କରିଥିଲେ। 'ନୂଆ-ଓ' ନୋଡାଲ ଅଫିସର ଅଧ୍ୟାପିକା ବାସନ୍ତି ପଟ୍ଟନାୟକ, ଡ. ବାସୁଦେବ ସାହୁ, ଅଧ୍ୟାପିକା ସରିତା ପରିଡା, ଶୁଭଶ୍ରୀ ପରିଡ଼ା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରହଲ୍ଲାଦ ପ୍ରଧାନ, ଲକ୍ଷ୍ମୀପ୍ରିୟା ଚୌଧୁରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୬୩୭ ଛାତ୍ରୀମାନଙ୍କୁ ଅତିଥିମାନେ ଛାତ୍ରବୃତ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଉଷା ବାଘ ଓ ଲକ୍ଷ୍ମୀ ପ୍ରଧାନ, ମୋତି ଖିଲ, ମୌସୁମୀ ଦାସ, ଛାତ୍ର ବୃତ୍ତି ଦ୍ୱାରା ସେମାନଙ୍କ ମନୋବଳକୁ ଦୃଢ଼ କରିଥିବା ଯୋଗୁଁ ଏବଂ ଉଚ୍ଚ ଶିକ୍ଷାରେ ଆର୍ଥିକ ସହାୟତା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସରକାରୀ ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ' ଉତ୍ସବ







**ସୁନାବେଡ଼ା,୬।୩(ସମିସ):** ମଙ୍ଗଳବାର ସୁନାବେଡ଼ା-୩ ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଅଧୀନସ୍ଥ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ ପାଳିତ ହୋଇଯାଇଛି। ମିଗ୍ ୪ କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀ ସ୍ନେହଲତା ଦାଶ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟ, ସହ ଶିକ୍ଷୟିତ୍ରୀ ସରୋଜ ନଳିନୀ ସଗରିୟା,ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଅଧ୍ୟକ୍ଷା ରୀନା ବାଘ, ପାଚିକା ଶ୍ୟାମଳି ଦାସ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଞ୍ଚଳିକ ସାଧନକର୍ମୀ ସ୍ନେହଲତା ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରତି ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ ଯଥା ଅର୍ଥଦାନ, ଶ୍ରମଦାନ ଓ ସେବାଦାନ ଯୋଗୁଁ ବିଦ୍ୟାଳୟରେ ବିକାଶ ମୂଳକ କାର୍ଯ୍ୟକଳାପକୁ ସର୍ବସମ୍ମୁଖକୁ ଆଣିବା, ଦୈନନ୍ଦିନ ଯୋଗାଯୋଗ ପ୍ରକ୍ରିୟା ଏବଂ ଏକାଡେମିକ କାର୍ଯ୍ୟକଳାପରେ ସାହାଯ୍ୟ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ଜ୍ଞାପନପତ୍ରକୁ ସାଧନ କର୍ମୀ ସ୍ନେହଲତା ଦାଶଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହିପତ୍ର ପାଇ ପୁରାତନ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସୁନାବେଡ଼ା ସ୍ଥିତ ପିଏଚଡି କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମନୋରମା ରାଉତରାୟ ସହ ଶିକ୍ଷୟିତ୍ରୀ ପ୍ରମୋଦିନି ପ୍ରଧାନ ଓ ଆଞ୍ଚଳିକ ସାଧନ କର୍ମୀ ସ୍ନେହଲତା ଦାଶ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସେବା ପାଇଁ ଧନ୍ୟବାଦ ଜ୍ଞାପନପତ୍ରର ବଣ୍ଟନ କରାଯାଇଥିଲା। ସେହିପରି କାକିଜଡ଼ାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ବେହେରାଙ୍କ ସହ ଶିକ୍ଷୟିତ୍ରୀ ନଳିନୀପ୍ରଭା ରଥ, ତନୁଶ୍ରୀ ନନ୍ଦ, ସବିତା ମହାରଣା, ରାଣୀ ନାୟକ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ପରିଚାଳନା କମିଟିର ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସେବା ପାଇଁ ଧନ୍ୟବାଦ ଜ୍ଞାପନପତ୍ର ବଣ୍ଟନ କରାଯାଇଥିଲା।

**କୋରାପୁଟ:** କୋରାପୁଟ ବ୍ଲକ ଅଧୀନସ୍ଥ ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ ପାଳିତ ହୋଇଯାଇଛି। କୋରାପୁଟ ବ୍ଲକ୍ ସମେତ ଜିଲ୍ଲାର ୧୪ ଟି ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପ୍ରେରିତ ଧନ୍ୟବାଦ ପତ୍ର ବଣ୍ଟନ କରାଯାଇଥିଲା। କୋରାପୁଟ ସହରାଞ୍ଚଳର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ସରକାରୀ ଉଚ୍ଚ ବିଦ୍ୟାଳୟ, ଏକ୍ସ ବୋର୍ଡ, ପୂଜାରୀପୁଟ, ମାଳି ସାହି, ବଡ଼ଚିନ୍ଦ୍ରୀ, ରଙ୍ଗବାଲି କୁମ୍ଭା, ପୁଲିସ ପ୍ରାଥମିକ, ଉଚ୍ଚ ପ୍ରାଥମିକ, କୋରାପୁଟ ଉଚ୍ଚ ବିଦ୍ୟାଳୟ, ଡୁମୁରିପୁଟସ୍ଥିତ ନିଘାମାନିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ଅଞ୍ଚଳର ଉମୁରି, ମସ୍ତିପୁଟ, ସଲମନଗୁଡ଼ା, ନୂଆପୁକି, ମାଥାଲପୁଟ, ଦେବୀଘାଟ ସମେତ ୧୬୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ମଧ୍ୟ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବପ୍ରସାଦ ରଥ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର, ହର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଗୁଡ଼ାରୀ:** ଗୁଡ଼ାରୀ ସରକାରୀ ଉଚ୍ଚ ବିଦ୍ୟାଳୟର '୫-ଟି' କକ୍ଷରେ ମୋ ସ୍କୁଲ ତରଫରୁ ବିଦ୍ୟାଳୟସ୍ତରୀୟ ଆୟୋଜନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଭୁରୁକୁଡୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ନେତ୍ରାନନ୍ଦ ସାହୁ ଯୋଗଦେଇଥିବାବେଳେ ମୋ ସ୍କୁଲ ସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଶିବପ୍ରସାଦ ସାହୁ ମଞ୍ଚରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରାଜକିଶୋର ନନ୍ଦ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ କିରଣୋଦୟ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କିଶୋର ପୂଜାରୀ ଉଦବୋଧନ ଦେଇ ଏହି ବିଦ୍ୟାଳୟରେ ସେ ପଢ଼ିବା ସମୟରେ ଶିକ୍ଷା ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିଲେ। କିନ୍ତୁ ଆଜି ଏହି ବିଦ୍ୟାଳୟର ରୂପାନ୍ତରଣ ପରେ ଛାତ୍ରଛାତ୍ରୀମାନେ ବହୁତ ସୁବିଧାସୁଯୋଗ ପାଇ ପାରୁଛନ୍ତି ବୋଲି ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ନିଜ ବକ୍ତବ୍ୟ ଉପସ୍ଥାପନା କରିଥିଲେ।

**ନନ୍ଦପୁର:** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସଦର ମହକୁମାର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପୁରାତନ ଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଯୋଗୁଁ ହୋଇଥିବା ଉନ୍ନତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ର। ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମୋ ସ୍କୁଲ ଅଭିଯାନ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ପୁରାତନ ଛାତ୍ର ବେଣୁ ଗୋପାଳ ବେହେରା, ସୁକାନ୍ତ ପଣ୍ଡା, ରମେଶ କୁମାର ଚୌଧୁରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ଗରଡ଼ା ମୋ ସ୍କୁଲ ଅଭିଯାନର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀ ଯେଉଁ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ସେନେଇ ବିଦ୍ୟାଳୟରେ ଛାତ୍ରମାନଙ୍କ ଏକ ସ୍ମୃତି ଜଡ଼ିତ ହେବା ସହ ବିଦ୍ୟାଳୟ ଉନ୍ନତି ଓ ପ୍ରଗତିରେ ହାତ ବଢ଼ାଇ ନିଜେ ଓ ନିଜକୁ ବିଦ୍ୟାଳୟ ସହ ଅଙ୍ଗାଅଙ୍ଗି ଭାବେ ଜଡ଼ିତ ହେବା ଏକ ଗୌରବ ଆଣିଛି ବୋଲି କହିଛନ୍ତି। ଏହା ଏକ ଉତ୍ତମ ପ୍ରୟାସ ଯାହା ବିଦ୍ୟାଳୟଗୁଡ଼ିକରେ ପୁରାତନ ଛାତ୍ରମାନେ ସହଯୋଗର ହାତ ବଢ଼ାଇଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

